
ସେଣ୍ଟର୍ ଫର୍ ସାଇନ୍ସ ଏଣ୍ଡ୍ ଏନଭିରନ୍‌ମେଣ୍ଟ



# ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡି.ଏମ୍.ଏଫ୍)

## ଓଡ଼ିଶା ରିପୋର୍ଟ, 2018

# ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡି.ଏମ୍.ଏଫ୍)

## ଓଡ଼ିଶା ରିପୋର୍ଟ, 2018

# ଉପକ୍ରମ

ମାର୍ଚ୍ଚ ୨୦୧୫ରେ କେନ୍ଦ୍ରୀୟ ଖଣି ଓ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ଅଧିନିୟମର ସଂଶୋଧନ ମାଧ୍ୟମରେ ଦେଶରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଗୁଡ଼ିକର ସ୍ଥାପନା ହୋଇଥିଲା। ଖଣିକାର୍ଯ୍ୟ ଦ୍ୱାରା ପ୍ରଭାବିତ ଅଞ୍ଚଳ ଏବଂ ପ୍ରଭାବିତ ଲୋକମାନଙ୍କର ହିତ ଏବଂ ସ୍ୱାର୍ଥରକ୍ଷା ପାଇଁ କାର୍ଯ୍ୟକ୍ରମ ହାତକୁ ଏହାର ମୂଳ ଉଦ୍ଦେଶ୍ୟ ଥିଲା।

ଏହା ଗୋଟିଏ ବିଡ଼ମ୍ବନା ଯେ ଖଣିଜ ସମ୍ପଦ ଭରପୁର ଥିବା ଅଞ୍ଚଳମାନଙ୍କରେ ଦେଶରେ ସବୁଠାରୁ ଦରିଦ୍ର ଏବଂ ଅଭାବୀ ଲୋକମାନେ ବସବାସ କରୁଛନ୍ତି। ଏହି ବୈଷମ୍ୟ ଦୂର କରି, ଭାରତର ଖଣି ପ୍ରଧାନ ଜିଲ୍ଲାଗୁଡ଼ିକରେ ବସବାସ କରୁଥିବା ଲୋକମାନଙ୍କୁ ସାମାଜିକ, ଅର୍ଥନୈତିକ ତଥା ପରିବେଶଗତ ନ୍ୟାୟ ଦେବା ପାଇଁ ଦଶନ୍ଧି ଧରି ଏପରି ଏକ କାର୍ଯ୍ୟକ୍ରମର ପରିକଳ୍ପନା ହୋଇ ଆସୁଥିଲା। ଏହି ବିଚାରଧାରାରୁ ଜିଲ୍ଲା ଖଣିଜ ପ୍ରତିଷ୍ଠାନର ସୃଷ୍ଟି ହେଲା।

ଖଣି କାର୍ଯ୍ୟ ଚାଲୁଥିବା ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡି.ଏମ୍.ଏଫ୍) ଗୋଟିଏ ଅଣଲାଭାଶାୟୀ ଟ୍ରଷ୍ଟ ରୂପେ ଗଠନ କରିବା ପାଇଁ ଆଇନ୍‌ରେ ବ୍ୟବସ୍ଥା ରହିଛି। ଲୋକମାନଙ୍କର ଆବଶ୍ୟକତା ଏବଂ ସହଭାଗିତା ଏହି ଅନୁଷ୍ଠାନର ପ୍ରାଣକେନ୍ଦ୍ର ହୋଇଥିବା ଦୃଷ୍ଟିରୁ, ଡି.ଏମ୍.ଏଫ୍‌ର ଲକ୍ଷ୍ୟ ଏବଂ କାର୍ଯ୍ୟପ୍ରଣାଳୀ ଦେଶର ତିନୋଟି ମୌଳିକ ଆଇନ୍ ସହିତ ଜୋଡ଼ ହୋଇଛି। ଏହି ଆଇନ୍ ଗୁଡ଼ିକ ହେଲା:(୧) ଆଦିବାସୀ ଅଞ୍ଚଳମାନଙ୍କର ଶାସନ ସମ୍ପର୍କୀୟ ସାମ୍ବିଧାନିକ ବ୍ୟବସ୍ଥା ଏବଂ ସମ୍ବିଧାନର ପଞ୍ଚମ ଓ ଷଷ୍ଠ ସୂଚୀ, (୨) ପଞ୍ଚାୟତ (ଅନୁସୂଚିତ ଅଞ୍ଚଳକୁ ପ୍ରସାର) ବା ପେସା ଅଧିନିୟମ, ୧୯୯୬ ଏବଂ (୩) ଅନୁସୂଚିତ ଜନଜାତି ଏବଂ ଅନ୍ୟ ପାରମ୍ପରିକ ବନବାସୀଙ୍କର ଜଙ୍ଗଲ ଅଧିକାର ମାନ୍ୟତା ଆଇନ୍, ୨୦୦୬ ବା ଫରେଷ୍ଟ ରାଇଟ୍‌ସ୍ ଆକ୍ଟ (ଏଫ୍.ଆର୍.ଏ.)

ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଗୁଡ଼ିକ କାର୍ଯ୍ୟକାରୀ ହେବା ପରଠାରୁ ସ୍ଥାନୀୟ ଲୋକମାନେ ପ୍ରାକୃତିକ ସାଧନ ଗୁଡ଼ିକରୁ ଉପକୃତ ହେବାର ଅଧିକାର ପ୍ରଥମଥର ପାଇଁ ସ୍ୱୀକୃତି ପାଇଛି। ସଂଶୋଧିତ ଆଇନ୍‌ର ବ୍ୟବସ୍ଥା ସ୍ପଷ୍ଟ କରି ଦେଇଛି ଯେ ଡି.ଏମ୍.ଏଫ୍ ଅନ୍ୟ ଉନ୍ନୟନ ପାଣ୍ଠି କିମ୍ବା ସରକାରୀ ଯୋଜନା ଭଳି ନୁହେଁ। ପ୍ରାକୃତିକ ସମ୍ପଦଗୁଡ଼ିକର ପରିଚାଳନା ସମ୍ବନ୍ଧରେ ଗୋଟିଏ ଲୋକ କୈନ୍ଦ୍ରିକ ଦୃଷ୍ଟିକୋଣକୁ ଏଥିରେ ପ୍ରାଧାନ୍ୟ ଦିଆଯାଇଛି। ତେଣୁ ଯଦି ଏହି ଜିଲ୍ଲା ଖଣିଜ ସଂସ୍ଥାନଗୁଡ଼ିକୁ ଉପଯୁକ୍ତ ଭାବେ ବିକଶିତ ଓ କାର୍ଯ୍ୟକ୍ଷମ କରାଯାଏ ତେବେ ଦରିଦ୍ର ଶ୍ରେଣୀର ଲୋକଙ୍କ ଜୀବନ ଓ ଜୀବିକାର ପର୍ଯ୍ୟାପ୍ତ ଉନ୍ନତି ସାଧନର ସମ୍ଭାବନା ସହିତ, ଏହା ଶାସନର ଗୋଟିଏ ଆଦର୍ଶ ଉଦହରଣ ହୋଇପାରିବ।

ଭାରତର ଅଧିକାଂଶ ଖଣିଜ ପ୍ରଧାନ ଜିଲ୍ଲାରେ ଏବେ ସୁଦ୍ଧା ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଟ୍ରଷ୍ଟଗୁଡ଼ିକ ପ୍ରତିଷ୍ଠିତ ହୋଇସାରିଛି। ଏହି ଟ୍ରଷ୍ଟଗୁଡ଼ିକ ସଂପୃକ୍ତ ଜିଲ୍ଲାର ଖଣିମାଲିକମାନଙ୍କ ଠାରୁ ନିର୍ଦ୍ଧାରିତ ପରିମାଣ ଅର୍ଥଦାନ ପାଇବାର ବ୍ୟବସ୍ଥା ଆଇନ୍‌ରେ ହୋଇଛି – ଯାହାକି ୨୦୧୫ ପୂର୍ବରୁ ଲିଜ୍ ଦିଆଯାଇଥିବା ଖଣିମାନଙ୍କ ପାଇଁ ରୟାଲ୍‌ଟି ମୂଲ୍ୟର ୩୦% ଏବଂ ତା'ପରେ ଲିଜ୍ ଦିଆଯାଇଥିବା ଖଣିମାନଙ୍କ ପାଇଁ ରୟାଲ୍‌ଟି ମୂଲ୍ୟର ୧୦% ସହ ସମାନ। ଖଣି ମନ୍ତ୍ରାଳୟରୁ ପ୍ରାପ୍ତ ସୂଚନା ଅନୁଯାୟୀ ୨୦୧୮ ମସିହା ମେ ମାସ ପର୍ଯ୍ୟନ୍ତ ଦେଶର ଡି.ଏମ୍.ଏଫ୍ ଟ୍ରଷ୍ଟ ଗୁଡ଼ିକ ଏ ସୂତ୍ରରୁ ୧୮,୪୬୭ କୋଟି ଟଙ୍କା ପାଇସାରିଛନ୍ତି।

ଦେଶର ଡି.ଏମ୍.ଏଫ୍‌ର କାର୍ଯ୍ୟକାରିତା ସମ୍ବନ୍ଧରେ ସେଣ୍ଟର୍ ଫର୍ ସାଇନ୍ସ୍ ଏଣ୍ଡ ଏନ୍‌ଭାଇରନ୍‌ମେଣ୍ଟ୍ (ସି.ଏସ୍.ଇ) ଗୋଟିଏ ମୂଲ୍ୟାୟନ କରିଛନ୍ତି, ଏଥିରେ ଦୁଇଟି ବିଷୟ ଉପରେ ବିଶେଷ ଦୃଷ୍ଟି ଦିଆଯାଇଛି। ପ୍ରଥମଟି ହେଲା ରାଜ୍ୟ ଏବଂ ଜିଲ୍ଲାମାନେ ଡି.ଏମ୍.ଏଫ୍ ଗୁଡ଼ିକୁ ଏପରି ରୂପେ ସଂଗଠିତ କରିଛନ୍ତି କି ଯଦ୍ୱାରା ସେଗୁଡ଼ିକ ଏହାର ନିର୍ଦ୍ଧାରିତ ଲକ୍ଷ୍ୟ ଏବଂ ଦିଗ୍‌ଦର୍ଶନ ଅନୁସାରେ କାର୍ଯ୍ୟ କରିବାକୁ ସମର୍ଥ ହେବେ। ଦ୍ୱିତୀୟତଃ ଡି.ଏମ୍.ଏଫ୍ ପାଣ୍ଠିର ବିନିଯୋଗ ଫଳପ୍ରଦ ରୂପେ ଏବଂ ଅଭିପ୍ରେତ ହିତାଧିକାରୀ ମାନଙ୍କର ସ୍ୱାର୍ଥସାଧନ ନିମନ୍ତେ ହିଁ ବ୍ୟବହୃତ ହେଉଅଛି।

ସି.ଏସ୍.ଇ ୧୨ ଗୋଟି ମୁଖ୍ୟ ଖଣି ପ୍ରଧାନ ରାଜ୍ୟର ୫୦ ଗୋଟି ଖଣି କାର୍ଯ୍ୟ ହେଉଥିବା ଜିଲ୍ଲାରେ ଡି.ଏମ୍.ଏଫ୍ ଗୁଡ଼ିକର କାର୍ଯ୍ୟକାରିତା ପାଇଁ ଆନୁଷ୍ଠାନିକ ଓ ପ୍ରଶାସନିକ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଏହି ରାଜ୍ୟ ଗୁଡ଼ିକ ମଧ୍ୟରେ ଓଡ଼ିଶା, ଝାରଖଣ୍ଡ, ଛତିଶଗଡ଼, ମଧ୍ୟପ୍ରଦେଶ, ରାଜସ୍ଥାନ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ମହାରାଷ୍ଟ୍ର, ଗୋଆ, ଗୁଜରାଟ ଓ ତାମିଲନାଡୁ ଅନ୍ତର୍ଭୁକ୍ତ। ଏହ ବ୍ୟତୀତ ଝାରଖଣ୍ଡ, ଓଡ଼ିଶା, ଛତିଶଗଡ଼, ମଧ୍ୟପ୍ରଦେଶ ଓ ରାଜସ୍ଥାନ ଭଳି ୫ଟି ପ୍ରମୁଖ ରାଜ୍ୟର ୧୩ଟି ଜିଲ୍ଲାରେ ସଂଗୃହିତ ପାଣ୍ଠିର ଫଳପ୍ରଦ ବିନିଯୋଗର ସଗଭୀର ସମୀକ୍ଷା କରିଥିଲେ। ଓଡ଼ିଶାର ୪ଟି ଜିଲ୍ଲା ଯଥା- କେନ୍ଦୁଝର, ସୁନ୍ଦରଗଡ଼, ଅନୁଗୋଳ ଓ ଝାରସୁଗୁଡ଼ା ଏହି ସମୀକ୍ଷାରେ ଅନ୍ତର୍ଭୁକ୍ତ କରାଯାଇଥିଲା।

ଏହି ମୂଲ୍ୟାଙ୍କନ ଓ ସମୀକ୍ଷାରୁ ମିଳିଥିବା ତଥ୍ୟ ଉତ୍ସାହଜନକ ନୁହେଁ। ବାସ୍ତବ କ୍ଷେତ୍ରରେ ଡି.ଏମ୍.ଏଫ୍‌ର କାର୍ଯ୍ୟକାରିତାରେ ଏହାର ପ୍ରକୃତ ଲକ୍ଷ୍ୟ, ନୀତି ଓ ମାର୍ଗଦର୍ଶନର ଅଣଦେଖା କରାଯିବା ଏହି ସମୀକ୍ଷାରୁ ପରିଲକ୍ଷିତ ହୋଇଥିଲା।

ଏକ ନିର୍ଦ୍ଦିଷ୍ଟ ବୈଧାନିକ ବ୍ୟବସ୍ଥା ମଧ୍ୟରେ ଏହି ଟ୍ରଷ୍ଟଗୁଡ଼ିକ ସୃଷ୍ଟି କରାଯାଇଛି ଏବଂ ସେମାନଙ୍କର କାର୍ଯ୍ୟଧାରା ତଦନୁସାରେ ନିୟନ୍ତ୍ରିତ।

ଓଡ଼ିଶା ଜିଲ୍ଲା ଖଣିଜ ପ୍ରତିଷ୍ଠାନ ନିୟମ ୨୦୧୫ରେ (୨୦୧୬ ଫେବୃୟାରୀ ପର୍ଯ୍ୟନ୍ତ ସଂଶୋଧନ ପ୍ରକାରେ) ଦର୍ଶାଯାଇଥିବା ଅନୁସାରେ ଏବଂ ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର କଲ୍ୟାଣ ଯୋଜନା (ପି.ଏମ୍.କେ.କେ.କେ.ଓ୍ୱାଇ)ର ଡି.ଏମ୍.ଏଫ୍ ପାଇଁ ପ୍ରଯୁଜ୍ୟ ମାର୍ଗଦର୍ଶିକା ଅନୁସାରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନମାନେ ତାଙ୍କର ହିତାଧିକାରୀମାନଙ୍କୁ ଅର୍ଥାତ୍ ଖଣି ଦ୍ୱାରା ପ୍ରଭାବିତ ବିଭିନ୍ନ ଶ୍ରେଣୀର ଲୋକ ତାଙ୍କର ହିତାଧିକାରୀ ମାନଙ୍କୁ ଚିହ୍ନଟ କରିବା ଆବଶ୍ୟକ। ଏବଂ ସେହି ହିତାଧିକାରୀମାନଙ୍କ ପାଇଁ ହିଁ ଜିଲ୍ଲା ଖଣିଜ ପ୍ରତିଷ୍ଠାନର ଅର୍ଥ ବ୍ୟବହୃତ ହେବା ଉଚିତ୍। କିନ୍ତୁ କୌଣସି ଠାରେ ସେପରି ହିତାଧିକାରୀ ଚିହ୍ନଟ କରାଯାଇ ନାହିଁ। ଅଦ୍ୟାବଧି ଗୋଟିଏ ଅଞ୍ଚଳ-ଭିତ୍ତିକ ଅବଲମ୍ବନ କରାଯାଇଛି ଏବଂ ଖଣି ଗୁଡ଼ିକର ଅବସ୍ଥିତି ଅନୁସାରେ ନିର୍ଦ୍ଦିଷ୍ଟ ଅଞ୍ଚଳର ଉନ୍ନତି ଉପରେ ପ୍ରାଥମିକତା ଦିଆଯାଉଛି।

ଯଦିଓ ଖଣି ଖାଦାନଗୁଡ଼ିକ ନିକଟରେ ବାସକରୁଥିବା ଲୋକମାନେ ନିର୍ଣ୍ଣିତ ଭାବେ ପ୍ରଭାବିତ ହୋଇଥାନ୍ତି, ଏହି ଅଞ୍ଚଳଭିତ୍ତିକ ଆଭିମୁଖ୍ୟ ଯୋଗୁ ଅନେକ ଲୋକ ଯେଉଁମାନେ ଡି.ଏମ୍.ଏଫର ମୁଖ୍ୟ ହିତାଧିକାରୀ ହେବା କଥା, ଏହି ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ନିଜସ୍ୱ ଜୀବିକା (ଜଙ୍ଗଲ ନିର୍ଭର ଜୀବିକା ସମେତ) ହରାଇଥିବା, ଖଣିକାର୍ଯ୍ୟ ଯୋଗୁ ବିସ୍ଥାପିତ ହୋଇଥିବା ବା ଖଣି ଖୋଳାଯାଉଥିବା ଜମି ଉପରେ ଯେଉଁମାନଙ୍କର ପାରମ୍ପରିକ ଅଧିକାର ଥିଲା ସେପରି ଲୋକମାନେ ଏଥିରେ ଅନ୍ତର୍ଭୁକ୍ତ। ଏହା ବ୍ୟତୀତ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଗୁଡ଼ିକର ପ୍ରଶାସନିକ ବ୍ୟବସ୍ଥା ମଧ୍ୟ ସମସ୍ୟପୂର୍ଣ୍ଣ ଅଟେ। ଓଡ଼ିଶା ଖଣିଜ ପ୍ରତିଷ୍ଠାନ ନିୟମ ଏବଂ ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର କଲ୍ୟାଣ ଯୋଜନା ଉଭୟରେ ଖଣି ଦ୍ୱାରା ପ୍ରଭାବିତ ଅଞ୍ଚଳରେ ହିତାଧିକାରୀ ଚୟନ ଯୋଜନା ପ୍ରଣୟନ ଏବଂ କାର୍ଯ୍ୟ ସମୀକ୍ଷାରେ

ଗ୍ରାମସଭାର ଭୂମିକା ଏବଂ କ୍ଷମତା ନେଇ ସ୍ୱଷ୍ଟ ଉଲ୍ଲେଖ ରହିଛି। ବିଶେଷ କରି ଅନୁସୂଚିତ ଅଞ୍ଚଳ ମାନଙ୍କର ସାମ୍ବିଧାନିକ ବ୍ୟବସ୍ଥା ଏବଂ ପେସା ନିୟମ ପରିପ୍ରେକ୍ଷୀରେ ଏହା ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଇଛି। କିନ୍ତୁ ବର୍ତ୍ତମାନର ଡି.ଏମ୍.ଏଫ. ବ୍ୟବସ୍ଥାରେ ଗ୍ରାମସଭାର ସଦସ୍ୟମାନଙ୍କର ପ୍ରତିନିଧିତ୍ୱ ପାଇଁ ବାସ୍ତବରେ କୌଣସି ସୁଯୋଗ ନାହିଁ।

ପ୍ରଶାସନିକ କାଉନ୍‌ସିଲ ଏବଂ ପରିଚାଳନା କମିଟି ପରି ଡି.ଏମ୍.ଏଫ୍‌ର ଅଙ୍ଗଗୁଡ଼ିକରେ ସରକାରୀ ଅଧିକାରୀମାନଙ୍କ ପ୍ରାଧାନ୍ୟ ରହିଛି। ଏଥିରେ ପାର୍ଲ୍ୟାମେଣ୍ଟ ଏବଂ ବିଧାନ ସଭାର ସଦସ୍ୟ (ଏମ୍.ପି. ଏବଂ ଏମ୍.ଏଲ୍.ଏ) ଏବଂ ଅଳ୍ପ କେତେକ ନିର୍ବାଚିତ ପଞ୍ଚାୟତିରାଜ ସଂଗଠନର ସଭ୍ୟଙ୍କ ଭଳି ରାଜନୈତିକ ବ୍ୟକ୍ତି ସାଧାରଣ ଲୋକଙ୍କର ପ୍ରତିନିଧିତ୍ୱ କରୁଛନ୍ତି।

ଏହା ବ୍ୟତିତ ନିତିଦିନିଆ ଯୋଜନା ଓ ସମନ୍ୱୟ କାର୍ଯ୍ୟ ନିମନ୍ତେ  ଓଡ଼ିଶାର ଜିଲ୍ଲା ଖଣିଜ ପ୍ରତିଷ୍ଠାନଗୁଡ଼ିକର ନିଜସ୍ୱ କାର୍ଯ୍ୟାଳୟ ନାହିଁ। ବାର୍ଷିକ ୧୦୦ କୋଟି ଆୟ ହେଉଥିବା ଡି.ଏମ୍. ଏଫ୍ ଗ.ୁଡ଼ିକର ଗୋଟିଏ ଗୋଟିଏ ପ୍ରକଳ୍ପ ପରିଚାଳନା ୟୁନିଟ ରହିଛି, ଯେଉଁଗୁଡ଼ିକ ବାହ୍ୟ ଉପଦେଷ୍ଟାମାନଙ୍କ ଦ୍ୱାରା ପରିଚାଳିତ। ଏହି ପ୍ରକଳ୍ପ ପରିଚାଳନା ୟୁନିଟ ଗୁଡ଼ିକ ମଧ୍ୟ ମୂଳତଃ ମନିଟରିଂ ଏବଂ ଡି.ଏମ୍.ଏଫ୍‌ର ନଥିପତ୍ର ରଖିବା କାର୍ଯ୍ୟ କରିଥାନ୍ତି। ଏଗୁଡ଼ିକୁ ଯୋଜନା ଓ ସମନ୍ୱୟ କାର୍ଯ୍ୟ ସମ୍ପାଦନ ନିମନ୍ତେ ଯଥେଷ୍ଟ ବୋଲି କୁହାଯାଇ ପାରିବ ନାହିଁ।

ଡି.ଏମ୍.ଏଫ୍‌ର ନିଷ୍ପତ୍ତି ନେବାରେ ଲୋକମାନଙ୍କର ସହଭାଗିତାର ଅଭାବ ଏବଂ ନିର୍ଦ୍ଦିଷ୍ଟ ଯୋଜନା ଓ ସମନ୍ୱୟ କାର୍ଯ୍ୟାଳୟ ନଥିବା ହେତୁରୁ ଡି.ଏମ୍.ଏଫ୍‌ର କାର୍ଯ୍ୟ ସମ୍ପାଦନରେ ଅସୁବିଧା ଦେଖାଦେଉଛି। ଏହା ଯୋଗୁ ଡି.ଏମ୍.ଏଫ୍‌ଗୁଡ଼ିକର ଅର୍ଥ ବିନିଯୋଗରେ ପ୍ରକୃଷ୍ଟ ଯୋଜନାର ଅଭାବ ଏବଂ କାମଚଳା ଢଙ୍ଗ ଦେଖାଯାଉଛି। ଅତ୍ୟାବଶ୍ୟକ ବିଷୟଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ଦୃଷ୍ଟିଦେବା ଏବଂ ସୁବ୍ୟବସ୍ଥିତ ଯୋଜନା ପ୍ରଣୟନ ଅଦ୍ୟାବଧି କରାଯାଇ ପାରିନାହିଁ।

ଉଦାହରଣ ସ୍ୱରୂପ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବିଭିନ୍ନ ପ୍ରକଳ୍ପ ନିମନ୍ତେ ଡି.ଏମ୍.ଏଫ୍‌ଗୁଡ଼ିକ ୨୫୮୯ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସେଥିମଧ୍ୟରୁ ଅଧିକ ଅଂଶ ଅର୍ଥାତ୍ ୩୪ ପ୍ରତିଶତ ଅର୍ଥ କେତେକ ଭିତ୍ତିଭୂମି ପ୍ରକଳ୍ପ ଯଥା ରାସ୍ତା, ପୋଲ ନିର୍ମାଣ ଭଳି କାର୍ଯ୍ୟ ନିମନ୍ତେ ମଞ୍ଜୁର କରାଯାଇଛି। ଅନ୍ୟ ପକ୍ଷରେ ନାରୀ ଓ ଶିଶୁ କଲ୍ୟାଣ କାର୍ଯ୍ୟ ନିମନ୍ତେ ୨ ପ୍ରତିଶତରୁ କମ୍ ଅର୍ଥ ମଞ୍ଜୁର କରାଯାଇଛି। ସୂଚନାଯୋଗ୍ୟ ଯେ ସମସ୍ତ ଖଣି ପ୍ରଧାନ ଜିଲ୍ଲାରେ ଅପପୁଷ୍ଟି ଏବଂ ଶିଶୁ ବିକାଶ ସୂଚକ ଅତି ନିମ୍ନସ୍ତରର ଅଟେ, ଯେପରିକି ୫ ବର୍ଷରୁ କମ ବୟସ ଶିଶୁ ମୃତ୍ୟୁହାର (ଟ୫ଗଜ) ସେହିପରି ଖଣି ପ୍ରଭାବିତ ଲୋକଙ୍କ ଜିବୀକା ଓ ଦକ୍ଷତା ବିକାଶ କ୍ଷେତ୍ର ମଧ୍ୟ ଅର୍ଥ ବିନିଯୋଗରେ ସମ୍ପୂର୍ଣ୍ଣ ଅବହେଳିତ ଏବଂ ଏହା ମଞ୍ଜୁର ଅର୍ଥର କେବଳ ୧.୭ ପ୍ରତିଶତ ଅଟେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ମୁଖ୍ୟ ଖଣିଜ ଜିଲ୍ଲାଗୁଡ଼ିକରେ ପ୍ରାୟ ୯୦ ପ୍ରତିଶତରୁ ଅଧିକ ପରିବାରର ମୁଖ୍ୟ ଉପାର୍ଜନକାରୀଙ୍କ ମାସିକ ହାରାହାରି ଆୟ ୫୦୦୦ ଟଙ୍କାରୁ କମ୍ ଅଟେ।

ଡି.ଏମ୍.ଏଫ୍‌ର ଅର୍ଥ ମଧ୍ୟ ଅଧିକ ପ୍ରଭାବିତ ଗ୍ରାମାଞ୍ଚଳ ନିମନ୍ତେ ଖର୍ଚ୍ଚ କରା ନଯାଇ ସହରାଞ୍ଚଳ ପାଇଁ ବେଶୀ ଖର୍ଚ୍ଚ କରାଯାଇଛି। ଉଦାହରଣ ସ୍ୱରୂପ କେନ୍ଦୁଝର ଜିଲ୍ଲାରେ ସ୍ୱାସ୍ଥ୍ୟ ରକ୍ଷା ନିମନ୍ତେ ମଞ୍ଜୁର କରାଯାଇଥିବା ଟ୩୯୬ କୋଟି ଟଙ୍କାର ୯୬ ପ୍ରତିଶତ ଅର୍ଥ କେନ୍ଦୁଝର ସହରରେ ଏକ ଡାକ୍ତରୀ ମହାବିଦ୍ୟାଳୟ ତିଆରି ନିମନ୍ତେ ମଞ୍ଜୁର କରାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ ଜିଲ୍ଲାର କେବଳ ମାତ୍ର ୪ ପ୍ରତିଶତ ଗ୍ରାମରେ ପାଞ୍ଚ କିମି ମଧ୍ୟରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସୁବିଧା ଥିବା ସତ୍ତ୍ୱେ ଏଭଳି

ପ୍ରାବଧାନ କରାଯାଇଛି । ସେହିଭଳି ସୁନ୍ଦରଗଡ଼ ଜିଲ୍ଲାରେ ତିନିଗୋଟି ମ୍ୟୁନିସିପାଲିଟି ଅଞ୍ଚଳରେ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ନିମନ୍ତେ ମୋଟ ମଞ୍ଜୁର ଅର୍ଥ ଟ୨୩୮ କୋଟିର ଅର୍ଦ୍ଧେକ ବିନିଯୋଗ କରାଯାଇଛି, ଯେଉଁଗୁଡ଼ିକ ପ୍ରତ୍ୟକ୍ଷ ଖଣିଜ ପ୍ରଭାବିତ ଅଞ୍ଚଳ ନୁହେଁ । ଝାରସୁଗୁଡ଼ା ଜିଲ୍ଲାରେ ଡି.ଏମ୍.ଏଫ୍ ଅର୍ଥ ବିମାନ ବନ୍ଦରକୁ ବିଦ୍ୟୁତ ଯୋଗାଣ ନିମନ୍ତେ ବ୍ୟୟ କରାଯାଇଛି ।

ଏହି ସବୁ ଉପର ବର୍ଣ୍ଣିତ ଧାରାରୁ ଏହା ପ୍ରମାଣିତ ଯେ ଡି.ଏମ୍.ଏଫ୍ ଲୋକହିତକର ଲକ୍ଷ୍ୟରୁ ବିଚ୍ୟୁତ ହେଉଛି ଏବଂ ପ୍ରକୃତ ହିତାଧିକାରୀ ଅର୍ଥାତ ଖଣିଜ ପ୍ରଭାବିତ ଲୋକଙ୍କର ହିତ ସାଧନ କରପାରୁନାହିଁ । ଏଣୁ ଡି.ଏମ୍.ଏଫ କାର୍ଯ୍ୟାୟନରେ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ ଏବଂ ସଂସ୍କାର ଉପରେ ଜୋର ଦିଆଯିବା ଦରକାର ଯଦ୍ୱାରା କି ଡି.ଏମ୍.ଏଫ୍ ଏହାର ମୂଳ ଲକ୍ଷ୍ୟ ଏବଂ ଦିଗଦର୍ଶନରୁ ବିଚ୍ୟୁତ ନ ହେବ ।


ଡି.ଏମ୍.ଏଫ୍ ଗୁଡ଼ିକ ତାଙ୍କର ଆଇନଗତ ଦାୟୀତ୍ୱ ଏବଂ ଆଇନ୍‌ର ଅନ୍ତର୍ନିହିତ ଉଦ୍ଦେଶ୍ୟ ପାଳନରେ ଉଦ୍‌ବୁଦ୍ଧ ହେବାକୁ ପ୍ରଶାସନିକ ଅଗ୍ରାଧିକାର ଦିଆଯିବା ଉଚିତ୍ । ଟ୍ରଷ୍ଟଗୁଡ଼ିକ ସେମାଙ୍କର ହିତାଧିକାରୀମାନଙ୍କୁ ଚିହ୍ନଟ କରିବା ଉଚିତ୍ । ଅର୍ଥ ବିନିଯୋଗ ନିମନ୍ତେ ଯୋଜନା ପ୍ରସ୍ତୁତ ସମୟରେ ଖଣି ଦ୍ୱାରା ପ୍ରଭାବିତ ଲୋକ ଏବଂ ପ୍ରଭାବିତ ଅଞ୍ଚଳ ମଧ୍ୟରେ ସମତୁଲତା ରକ୍ଷା କରିବା ଆବଶ୍ୟକ । ଏଥିନିମନ୍ତେ ଆଇନ୍‌ରେ ନିର୍ଦ୍ଦିଷ୍ଟ ପରିଭାଷା ରହିଛି ଏବଂ ସେଥିରେ କୌଣସି ଅସାମଞ୍ଜସ୍ୟତାର ଅବକାଶ ନାହିଁ । ଡି.ଏମ୍.ଏଫ୍ ସଂସ୍ଥାଗୁଡ଼ିକ ଫଳପ୍ରସୂ ରୂପେ କାର୍ଯ୍ୟକରିବା ପାଇଁ ଏଗୁଡ଼ିକର ସିଦ୍ଧାନ୍ତ ଗ୍ରହଣ ପ୍ରକ୍ରିୟା କେବଳ କେତେକ ପ୍ରଶାସକ ଓ ରାଜନୈତିକ ବ୍ୟକ୍ତିଙ୍କ ଉପରେ ନିର୍ଭରଶୀଳ ରହିବା ଉଚିତ୍ ନୁହେଁ । ଖଣି ଦ୍ୱାରା ପ୍ରଭାବିତ ଲୋକମାନେ ଡି.ଏମ୍.ଏଫ୍ ପରିଚାଳନାର ଏକ ଅଂଶ ହେବା ନିଶ୍ଚିତ ଭାବେ ଆବଶ୍ୟକ । ପ୍ରଶାସନିକ ଦକ୍ଷତା ନିମନ୍ତେ ଯୋଜନା ଓ ସମନ୍ୱୟ କାର୍ଯ୍ୟ ପାଇଁ ପ୍ରତ୍ୟେକ ଡି.ଏମ୍.ଏଫ୍‌ର ଆବଶ୍ୟକୀୟ କର୍ମଚାରୀ ଏବଂ ବିଶେଷଜ୍ଞଙ୍କୁ ନେଇ ଗୋଟିଏ ନିଜସ୍ୱ ଅଫିସ୍ ରହିବା ଆବଶ୍ୟକ । ପ୍ରକଳ୍ପ ପରିଚାଳନା ୟୁନିଟ ଗୁଡ଼ିକ କେବେ ମଧ୍ୟ ଯୋଜନା ଓ ସମନ୍ୱୟ ନିମନ୍ତେ ଏହାର ବିକଳ୍ପ ହୋଇ ପାରିବେ ନାହିଁ ।

ଯୋଜନା ପ୍ରଣୟନ ଓ ଅର୍ଥବିନିଯୋଗରେ ମଧ୍ୟ କାମଚଳା ଢଙ୍ଗ ଦୂର ହେବା ଆବଶ୍ୟକ । ଡି.ଏମ୍.ଏଫ୍‌ର ଯୋଜନା ସୁସଙ୍ଗଠିତ ଓ ସର୍ବବ୍ୟାପୀ ହେବା ଆବଶ୍ୟକ । ଉଭୟ ସ୍ୱଳ୍ପ ଓ ଦୀର୍ଘମିଆଦି ଅର୍ଥ ବିନିଯୋଗ ମାଧ୍ୟମରେ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ ଉଦ୍ଦେଶ୍ୟରେ ଯୋଜନା ପ୍ରଣୟନ କରାଯିବା ଆବଶ୍ୟକ । ଏହା ଦ୍ୱାରା ସାମାଜିକ, ଅର୍ଥନୈତିକ ଏବଂ ମାନବିକ ବିକାଶ କ୍ଷେତ୍ରରେ ଗୁଣାତ୍ମକ ଏବଂ ସ୍ଥାୟୀ ଉନ୍ନତି ଅଣାଯାଇ ପାରିବ । ଶେଷତଃ, ଏକ ସର୍ବସାଧାରଣ ସଙ୍ଗଠନ ହୋଇଥିବା ହେତୁ ଡି.ଏମ୍.ଏଫ୍‌ର ସମସ୍ତ ତଥ୍ୟ ପ୍ରତ୍ୟେକ ଜିଲ୍ଲାରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଉପଲବ୍ଧ ରହିବା ଉଚିତ୍ ।

ଡି.ଏମ୍.ଏଫ୍‌ର ପ୍ରତିଶୃତି ଏବଂ ସମ୍ଭାବନା ଅତି ବିରାଟ ଅଟେ । କିନ୍ତୁ ଯଦି ଠିକ୍ ଭାବେ କାର୍ଯ୍ୟକାରୀ କରା ନ ଯାଏ, ଡି.ଏମ୍.ଏଫ୍ ଅତି ଶୀଘ୍ର ଅନିୟମିତା ଏବଂ ଅପବ୍ୟବହାର ଇତ୍ୟାଦି ବିବାଦରେ ଛନ୍ଦି ହୋଇଯିବ । ପରିଣାମରେ ଦେଶ ଅନ୍ତର୍ଭୁକ୍ତକାରୀ ସୁଶାସନ ଏବଂ ନ୍ୟାୟ ସଙ୍ଗତ ବିକାଶର ଏକ ସୁନ୍ଦର ସୁଯୋଗ ହାତ ଛଡ଼ା କରିବ ।

# ଓଡ଼ିଶାରେ ଡି.ଏମ୍.ଏଫ୍ : ଏକ ସାଧାରଣ ସମୀକ୍ଷା

ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଡି.ଏମ୍.ଏଫ୍‌ରେ ଜମାରାଶି ଟ୪,୪୫୩ କୋଟିରୁ ଅଧିକ ଅଟେ (ମାର୍ଚ୍ଚ ୨୦୧୮ ପର୍ଯ୍ୟନ୍ତ)। ଏହା ଦେଶରେ ସର୍ବାଧିକ ଅଟେ। ଏହି ଅର୍ଥର ୬୫ ପ୍ରତିଶତରୁ ଅଧିକ ଅଣ କୋଇଲା ଖଣିଜ ପଦାର୍ଥ ଯଥା ଲୁହାପଥର, କ୍ରୋମାଇଟ୍ ଓ ବକ୍‌ସାଇଟ ଇତ୍ୟାଦିରୁ ପ୍ରାପ୍ତ ହୋଇଛି କୋଇଲା ଓ ଲିଗନାଇଟର ଅଂଶ ପ୍ରାୟ ୩୪ ପ୍ରତିଶତ ଅଟେ। ପ୍ରାପ୍ତ ସୂଚନା ଆଧାରରେ ଓଡ଼ିଶାର ମୁଖ୍ୟ ୪ଟି ଜିଲ୍ଲା ଯଥା- କେନ୍ଦୁଝର, ସୁନ୍ଦରଗଡ଼, ଅନୁଗୋଳ ଏବଂ ଝାରସୁଗୁଡ଼ାରେ ଡି.ଏମ୍.ଏଫ୍ ଅର୍ଥର ବିନିଯୋଗର ଧାରା ଏଠାରେ ଆଲୋଚନା କରାଯାଇଛି।



## ଡି.ଏମ୍.ଏଫ୍‌ର ପ୍ରଶାସନିକ ବ୍ୟବସ୍ଥା:

- ରାଜ୍ୟର ଡି.ଏମ୍.ଏଫ୍ ନିୟମ ଓ ନିର୍ଦ୍ଦେଶାବଳୀ ଅନୁସାରେ ରାଜ୍ୟର ଅନେକ ଜିଲ୍ଲା ଖଣି ଦ୍ୱାରା ପ୍ରଭାବିତ ଅଞ୍ଚଳ (ଗ୍ରାମ ଓ ମ୍ୟୁନିସିପାଲିଟି) ଚହ୍ନଟ କରିଛନ୍ତି। ଖଣି ଠାରୁ ୧୦ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ଅବସ୍ଥିତ ଗ୍ରାମ ଓ ମ୍ୟୁନିସିପାଲିଟି ଅଞ୍ଚଳକୁ ଅନ୍ତର୍ଭୁକ୍ତ କରାଯାଇଛି। ତେବେ ରାଜ୍ୟ ସରକାର ଜିଲ୍ଲାମାନଙ୍କୁ ଭୌଗଳିକ ସ୍ଥଳ ନିରୁପଣ (ଜି.ଆଇ.ଏସ୍) ମାଧ୍ୟମରେ ଖଣି ପ୍ରଭାବିତ ଅଞ୍ଚଳର ମ୍ୟାପ୍ ପ୍ରସ୍ତୁତି କରିବା ପାଇଁ କହିଛନ୍ତି। ଏହି ତଥ୍ୟ ଡି.ଏମ୍.ଏଫ୍‌ର ୱେବ୍‌ସାଇଟ୍‌ରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଉପଲବ୍ଧ ହେବ। କେନ୍ଦୁଝର ଜିଲ୍ଲା ଅତି ନିକଟରେ ଡି.ଏମ୍.ଏଫ୍ ୱେବ୍‌ସାଇଟ୍ ତଥ୍ୟ ପ୍ରଦାନ ନିମନ୍ତେ କାର୍ଯ୍ୟ ଆରମ୍ଭ କରିଛନ୍ତି।
- ପରୋକ୍ଷ ଭାବେ ପ୍ରଭାବିତ ଅଞ୍ଚଳ ଚିହ୍ନଟ ଏକ ଚିନ୍ତାଜନକ ବିଷୟ ହୋଇରହିଛି ଏବଂ ରାଜ୍ୟ ସରକାର ଏ ବିଷୟରେ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ ପ୍ରଣାଳୀ ନିର୍ଦ୍ଧାରଣ କରିବାକୁ ଚେଷ୍ଟା କରୁଛନ୍ତି। ଏହା ସ୍ଥିର ହୋଇ ନଥିବାରୁ କେତେକ ଜିଲ୍ଲା ନିଜସ୍ୱ ଯୁକ୍ତି ଅନୁସାରେ ଏହି କାର୍ଯ୍ୟ ହାତକୁ ନେଇଛନ୍ତି। ଉଦାହରଣ ସ୍ୱରୂପ ସୁନ୍ଦରଗଡ଼ ଜିଲ୍ଲା ସମସ୍ତ ୪ଗୋଟି ମ୍ୟୁନିସିପାଲିଟିକୁ ପରୋକ୍ଷ ପ୍ରଭାବିତ ଅଞ୍ଚଳରେ ସାମିଲ କରିଛନ୍ତି, କାରଣ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ଅଞ୍ଚଳର ଲୋକମାନେ ଏହି ମ୍ୟୁନିସିପାଲିଟିଗୁଡ଼ିକର ଭିତ୍ତିଭୂମି ଓ ସାଧନମାନଙ୍କ ଉପରେ ବିଭିନ୍ନ ଭାବରେ ନିର୍ଭରଶୀଳ ଅଟନ୍ତି।
- କୌଣସି ଜିଲ୍ଲା ଖଣି ଦ୍ୱାରା ପ୍ରଭାବିତ ଡି.ଏମ୍.ଏଫ୍ ହିତାଧିକାରୀ ଚୟନ ଅଦ୍ୟାବଧି କରିନାହାନ୍ତି।
- ଯେଉଁ ଜିଲ୍ଲାମାନେ ବାର୍ଷିକ ଟ୧୦୦ କୋଟି ଅନୁଦାନ ପାଇଛନ୍ତି ସେହି ଜିଲ୍ଲାମାନଙ୍କରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପ୍ରକାରେ ପ୍ରକଳ୍ପ ପରିଚାଳନା ୟୁନିଟ ସ୍ଥାପନ ହୋଇଅଛି। ଏହା ମୁଖ୍ୟ ୫ଟି ଜିଲ୍ଲା ଯଥା- କେନ୍ଦୁଝର, ସୁନ୍ଦରଗଡ଼, ଅନୁଗୋଳ, ଝାରସୁଗୁଡ଼ା ଏବଂ ଯାଜପୁରରେ  ସ୍ଥାପନ କରାଯାଇଛି। ପ୍ରକଳ୍ପ ପରିଚାଳନା ୟୁନିଟ୍‌ଗୁଡ଼ିକ ବାହ୍ୟ ଉପଦେଷ୍ଟା ମାନଙ୍କ ଦ୍ୱାରା ପରିଚାଳିତ ହେଉଅଛି- ଯେପରିକି ୟାର୍ନେଷ୍ଟ ଏବଂ ୟାଗ, ପ୍ରାଇସ୍ ୱାଟର୍‌ହାଉସ୍ କୁପରସ ଇତ୍ୟାଦି। ତେବେ କୌଣସି ଡି.ଏମ୍.ଏଫ୍‌ର ନିଜସ୍ୱ କାର୍ଯ୍ୟାଳୟ ନାହିଁ। କେବଳ ଜଣେ ଅଧିକାରୀଙ୍କୁ ଡି.ଏମ୍.ଏଫ୍‌ର ଭାରପ୍ରାପ୍ତ ଅଧିକାରୀ ରୂପେ ବଛା ଯାଇଛି ଯାହାଙ୍କ ଦ୍ୱାରା ପି.ଏମ୍.ୟୁ କାର୍ଯ୍ୟ ତଦାରଖ ହୁଏ। ଅଦ୍ୟାବଧି କେବଳ ସୁନ୍ଦରଗଡ଼ ଜିଲ୍ଲାରେ ଜଣେ ସ୍ୱତନ୍ତ୍ର ଡି.ଏମ୍.ଏଫ୍ ଅଧିକାରୀ ଅଛନ୍ତି।



Srestha Banerjee / CSE

ଓଡ଼ିଶାର ଖଣି ଖନନ ଯୋଗୁଁ ପ୍ରଭାବିତ ଆଦିବାସୀ ଅଞ୍ଚଳର ଲୋକମାନେ ଡିଏମ୍‌ଏଫ୍ ଅଧୀନରେ ନିଜର ଅଧିକାର ବିଷୟରେ ସେତେଟା ସଚେତନ ନୁହଁନ୍ତି ଏବଂ ଗରିବୀ ଓ ଅଭାବ ଅନଟନର କଷଣରେ ବଞ୍ଚୁଛନ୍ତି

# ଡିଏମଏଫର ଆନୁଷ୍ଠାନିକ ଢ଼ାଞ୍ଚା

## ଟ୍ରଷ୍ଟିମାନଙ୍କର ବୋର୍ଡ

### ବିଧିବଦ୍ଧ ପ୍ରତିନିଧିବୃନ୍ଦ

- ଜିଲ୍ଲା କଲେକ୍ଟର
- ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍
- ଜିଲ୍ଲା ଷ୍ଟିଲ୍ ଏବଂ ମାଇନ୍ସ ଅଫିସର (ଜିଲ୍ଲା ଇସ୍ପାତ ଓ ଖଣି ଅଧିକାରୀ)
- ଜିଲ୍ଲା ଜଙ୍ଗଲ ଏବଂ ପରିବେଶ ଅଧିକାରୀ
- ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ଅଧିକାରୀ
- ଜିଲ୍ଲା ସାର୍ବଜନୀନ କାର୍ଯ୍ୟ ଅଧିକାରୀ
- ଜିଲ୍ଲା ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଉନ୍ନୟନ ଅଧିକାରୀ
- ଜିଲ୍ଲା ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ଅଧିକାରୀ
- ଜିଲ୍ଲାର ଅନ୍ୟ ବିଭାଗର ଅନ୍ୟାନ୍ୟ ଅଧିକାରୀ, ସରକାରଙ୍କ ନିର୍ଦ୍ଧାରଣ ଅନୁଯାୟୀ

### ରାଜନୈତିକ ଏବଂ ଗୋଷ୍ଠୀର ପ୍ରତିନିଧିବୃନ୍ଦ

- ଲୋକସଭାର ପ୍ରତ୍ୟେକ ସଦସ୍ୟ ଯାହାର ସାମ୍ବିଧାନିକ କ୍ଷେତ୍ରରେ କୌଣସି ବଡ଼ ଧରଣର ଖଣି ଅବସ୍ଥିତ ଥାଏ
- ଜିଲ୍ଲା ପରିଷଦର ଜଣେ ସଦସ୍ୟ ଯାହା ଅଞ୍ଚଳରେ କୌଣସି ବଡ଼ ଧରଣର ଖଣି ଅବସ୍ଥିତ ଥାଏ
- ଓଡ଼ିଶାର ବିଧାନସଭାର ପ୍ରତ୍ୟେକ ସଦସ୍ୟ ଯାହାର ସାମ୍ବିଧାନିକ କ୍ଷେତ୍ରରେ କୌଣସି ବଡ଼ ଧରଣର ଖଣି ଅବସ୍ଥିତ ଥାଏ
- ପଞ୍ଚାୟତିରାଜ ଅନୁଷ୍ଠାନର କିମ୍ବା ସହରାଞ୍ଚଳ ସ୍ୱାୟତ୍ତ ଅନୁଷ୍ଠାନର ସର୍ବାଧିକ ତିନି ଜଣ ସଦସ୍ୟ, ଯେଉଁ ଅଞ୍ଚଳରେ କୌଣସି ବଡ଼ ଧରଣର ଖଣି ଅବସ୍ଥିତ ଥାଏ

## କାର୍ଯ୍ୟ ନିର୍ବାହୀ କମିଟି

- ଜିଲ୍ଲା କଲେକ୍ଟର
- ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ଅଧିକାରୀ
- ଜିଲ୍ଲା ଜଙ୍ଗଲ ଏବଂ ପରିବେଶ ଅଧିକାରୀ
- ଜିଲ୍ଲା ଷ୍ଟିଲ୍ ଏବଂ ମାଇନ୍ସ ଅଫିସର (ଜିଲ୍ଲା ଇସ୍ପାତ ଓ ଖଣି ଅଧିକାରୀ)
- ଜିଲ୍ଲା ସାର୍ବଜନୀନ କାର୍ଯ୍ୟ ଅଧିକାରୀ
- ଜିଲ୍ଲା ଗ୍ରାମବିକାଶ ଏଜେନ୍ସିର ପ୍ରକଳ୍ପ ନିର୍ଦ୍ଦେଶକ

## ଟେବୁଲ 1: ଓଡ଼ିଶାର ବିଭିନ୍ନ କାର୍ଯ୍ୟକ୍ଷେତ୍ର ନିମନ୍ତେ ଅର୍ଥ ମଞ୍ଜୁର ଓ ଖର୍ଚ୍ଚ

| କାର୍ଯ୍ୟକ୍ଷେତ୍ର | ମଞ୍ଜୁର ଅର୍ଥ (କୋଟିରେ) | ମୋଟ୍ ମଞ୍ଜୁର ଅର୍ଥର ପ୍ରତିଶତ | ଖର୍ଚ୍ଚ କୋଟି ଟଙ୍କାରେ |
|---|---|---|---|
| ଭିତ୍ତିଭୂମି ପ୍ରତିଷ୍ଠା | 873. 5 | 33.7 | 137.8 |
| ପିଇବା ପାଣି ଯୋଗାଣ | 651.3 | 25.2 | 129.7 |
| ସ୍ୱାସ୍ଥ୍ୟରକ୍ଷା | 459.3 | 17.7 | 79.5 |
| ଶିକ୍ଷା | 272.2 | 10.5 | 75.8 |
| ଜଳସେଚନ | 123.7 | 4.8 | 41.8 |
| ଶକ୍ତି ଓ ଜଳ ବିଭାଜିକା | 55.4 | 2.1 | 25.7 |
| ମହିଳା, ଶିଶୁ ଓ ବୟସ୍କଙ୍କ କଲ୍ୟାଣ | 47.2 | 1.8 | 13.2 |
| ଦକ୍ଷତା ବିକାଶ | 45.1 | 1.7 | 4.4 |
| ପରିବେଶ ସୁରକ୍ଷା ଓ ପ୍ରଦୂଷଣ | 12.3 | 0.5 | 4.3 |
| ସଫେଇ ବ୍ୟବସ୍ଥା | 18.1 | 0.7 | 0.2 |
| ପରିଚାଳନାଗତ ଖର୍ଚ୍ଚ | 9.4 | 0.4 | 6.2 |
| ପରିଚାଳନାଗତ ଖର୍ଚ୍ଚ | 5.7 | 0.2 | 3.3 |
| ଅନ୍ୟାନ୍ୟ | 12.9 | 0.5 | 7.2 |
| ମୋଟ | 2,588.9 | | 529.8 |

*ସୂତ୍ର: ଯୋଜନା ଓ ସଂଯୋଜନ ବିଭାଗ, ଓଡ଼ିଶା ସରକାର, ଏପ୍ରିଲ 2018*

- ଡି.ଏମ୍.ଏଫ ଅଡିଟ୍ ବିଷୟରେ ଏହି ସୂଚନା ରାଜ୍ୟ ଯୋଜନା ଓ ସଂଯୋଜନା ବିଭାଗ ଦ୍ୱାରା ଯୋଗାଇ ଦିଆଯାଇଛି ଯେ ପାଞ୍ଚଗୋଟି ଯାକ ଜିଲ୍ଲାରୁ ମେ ମାସ ୨୦୧୮ ସୁଦ୍ଧା ଫାଇନାନ୍ସିଆଲ୍ ଅଡିଟ୍ ରିପୋର୍ଟ ମିଳିଅଛି।
- ଓଡ଼ିଶା ରାଜ୍ୟ ଗୋଟିଏ ଡି.ଏମ୍.ଏଫ୍ ୱେବ୍‌ସାଇଟ୍ ଆରମ୍ଭ କରିଛନ୍ତି ଏବଂ ଜିଲ୍ଲାୱାରି ତଥ୍ୟ ସେଥିରେ ପ୍ରାପ୍ତ ହୁଏ। ସେଥିରେ ଉପଲବ୍ଧ ତଥ୍ୟ ମଧ୍ୟରେ ଟ୍ରଷ୍ଟି ଓ ସଭ୍ୟମାନଙ୍କ ସମ୍ବନ୍ଧିୟ ତଥ୍ୟ ଅର୍ଥ ଯୋଗାଣ ଏବଂ ଖର୍ଚ୍ଚର ହିସାବ ତଥା ପରିଚାଳନା ପରିଷଦ ଗୁଡ଼ିକର ମିଟିଂର ବିବରଣୀ ରଖାଯାଇଛି।

## ଡି.ଏମ୍.ଏଫ୍‌ର ଅର୍ଥ ବିନିଯୋଗ

- ରାଜ୍ୟର ଅନେକ ଜିଲ୍ଲା ଅର୍ଥ ବିନିଯୋଗ କ୍ଷେତ୍ରରେ କେତେକ ମୁଖ୍ୟ ବିଷୟ ଉପରେ ଗୁରୁତ୍ୱ ଆରୋପ କରିଥିଲେ ମଧ୍ୟ, ଭିତ୍ତିଭୂମି ନିର୍ମାଣ ଉପରେ ଅଧିକ ଧ୍ୟାନ ଦିଆଯାଇଛି। ରାଜ୍ୟର ଧାରାକୁ ଲକ୍ଷ୍ୟ କଲେ ଜଣାଯାଏ ଯେ ମୋଟ ମଞ୍ଜୁର ଅର୍ଥର ପ୍ରାୟ ୩୪ ପ୍ରତିଶତ ଏଥିରେ ନିବେଶ କରାଯାଇଛି *(ଟେବୁଲ-୧ ସେକ୍ଟର ଅନୁଯାୟୀ ଅନୁଦାନ ଓ ଖର୍ଚ୍ଚ ରିପୋର୍ଟ ଦ୍ରଷ୍ଟବ୍ୟ)*; ତେବେ ସୁନ୍ଦରଗଡ଼ ଭଳି କେତେକ ଜିଲ୍ଲାରେ ଏହା ବହୁତ ଅଧିକ ଅଟେ।
- ଏହା ବ୍ୟତୀତ ଅର୍ଥ ମଞ୍ଜୁର ହୋଇଥିବା ଅନ୍ୟ କ୍ଷେତ୍ରଗୁଡ଼ିକ ମଧ୍ୟରେ ପାନୀୟ ଜଳ ଯୋଗାଣ (୨୫.୨ ପ୍ରତିଶତ), ସ୍ୱାସ୍ଥ୍ୟ ସୁରକ୍ଷା (୧୩.୩ ପ୍ରତିଶତ) ଏବଂ ଶିକ୍ଷା ୧୦.୫ ପ୍ରତିଶତ) ରହିଛି।

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ରାଜ୍ୟ ସରକାର ଖଣି ଅଞ୍ଚଳମାନଙ୍କର ବିକାଶ ପାଇଁ ୨୦୧୪ରେ ସ୍ୱତନ୍ତ୍ର ଆକାରରେ ଗଠିତ ଓଡ଼ିଶା ଖଣିଜ ପଦାର୍ଥ ଆଞ୍ଚଳିକ ଉନ୍ନୟନ କର୍ପୋରେସନରୁ ମଧ୍ୟ ଅର୍ଥ ପ୍ରଦାନ କରୁଛନ୍ତି। ଅତୀତରେ ବେନିୟମ ଭାବେ ଲୁହା ପଥର ଉତ୍ତୋଳନ କରିଥିବା ଖଣିମାଲିକଙ୍କ ଠାରୁ ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଆଦାୟ ହେଉଥିବା ବଡ଼ ଜୋରିମନା ରାଶି ମଧ୍ୟ ଖଣିଅଞ୍ଚଳର ଆଦିବାସୀମାନଙ୍କର ଉନ୍ନତି କଳ୍ପେ ଖର୍ଚ୍ଚ କରାଯିବ। ସରକାରୀ ହିସାବ ଅନୁସାରେ



Srestha Banerjee / CSE

ଓଡ଼ିଶାରେ ସମୁଦାୟ ଡିଏମ୍ଏଫ୍ ମଞ୍ଜୁର ରାଶିର ପ୍ରାୟ 25.2 ପ୍ରତିଶତ ଜିଲ୍ଲାମାନଙ୍କରେ ପାନୀୟ ଜଳ ଯୋଗାଣରେ ଉନ୍ନତି ଆଣିବା ପାଇଁ ପ୍ରଦାନ କରାଯାଇଛି

ଅଦ୍ୟାବଧି ୧୩୦୦୦ କୋଟି ଟଙ୍କା ଜରିମାନା ଆଦାୟ କରାଯାଇଛି ଏବଂ ଏହି ଅର୍ଥର ୫୦ ପ୍ରତିଶତ ପାଇପ୍ ଦ୍ୱାରା ଜଳଯୋଗାଣ ନିମନ୍ତେ ଖର୍ଚ୍ଚ କରାଯାଉଛି ।

- ଦେଖାଯାଏ ଯେ ଅଧିକାଂଶ କ୍ଷେତ୍ରରେ ନିର୍ମାଣ କାର୍ଯ୍ୟ ଆଧାରିତ ପ୍ରକଳ୍ପମାନ କାର୍ଯ୍ୟକାରୀ କରାଯାଉଛି । ଉଦାହରଣ ସ୍ୱରୂପ କେନ୍ଦୁଝର ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା ବାବଦରେ ଅର୍ଥ ବିନିଯୋଗ ଏକ ଡାକ୍ତରୀ ମହାବିଦ୍ୟାଳୟ ତିଆରି ନିମନ୍ତେ କରାଯାଇଛି । ଶିକ୍ଷା କ୍ଷେତ୍ରରେ ଅର୍ଥ ବିନିଯୋଗ ମୁଖ୍ୟତଃ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ, ଦକ୍ଷତା ବିକାଶ ନିମନ୍ତେ କେବଳ ଡ୍ରାଇଭିଙ୍ଗ ତାଲିମ କେନ୍ଦ୍ର ପ୍ରତିଷ୍ଠା ଉଦ୍ଦେଶ୍ୟରେ ଦକ୍ଷତା ବିକାଶ କେନ୍ଦ୍ର ଓ ଛାତ୍ରାବାସ ନିର୍ମାଣ ନିମନ୍ତେ କରାଯାଇଛି । ଅନୁଗୋଳ, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାରେ ମଧ୍ୟ ଏହି ଧାରାରେ କାର୍ଯ୍ୟ କରାଯାଇଛି ।

- ବିଭିନ୍ନ ଜିଲ୍ଲାରେ ସମୀକ୍ଷାରୁ ସ୍ପଷ୍ଟ ହୁଏ ଯେ କୌଣସି ଶୃଙ୍ଖଳିତ ଓ ପଦ୍ଧତିଗତ ପ୍ରସ୍ତାବ ନଥାଇ ଏବଂ ପ୍ରଭାବିତ ଅଞ୍ଚଳର ଲୋକଙ୍କ ଆବଶ୍ୟକତା ପ୍ରତି ପ୍ରାଧାନ୍ୟ ନଦେଇ ତଥା ବାସ୍ତବ ପରିସ୍ଥିତିକୁ ଧ୍ୟାନ ନ ଦେଇ ଅର୍ଥ ମଞ୍ଜୁର କରାଯାଇଛି । କେତେକ ଅତ୍ୟାବଶ୍ୟକ କ୍ଷେତ୍ର ଯଥା ଶିଶୁ କଲ୍ୟାଣ ଓ ବିକାଶ, ସ୍ୱାସ୍ଥ୍ୟ ସେବା ଓ ଜୀବିକା ଉପରେ ସବୁଠାରୁ କମ୍ ଅର୍ଥ ମଞ୍ଜୁର କରାଯାଇଥିବାରୁ ଏହା ସ୍ପଷ୍ଟ ହୁଏ ।

- ରାଜ୍ୟ ବନୀକରଣ ଅର୍ଥ ପରିଚାଳନା ଓ ଯୋଜନା ଅଥରିଟି (କାମ୍ପା) ନିମନ୍ତେ ସର୍ବାଧିକ ଅର୍ଥ ପାଇଥିବା ସତ୍ତ୍ୱେ ଓଡ଼ିଶାର କେତେକ ଜିଲ୍ଲା ଡି.ଏମ୍.ଏଫ୍ ଅନୁଦାନରୁ ଟ୯.୪୦ କୋଟି ଅର୍ଥ ବନୀକରଣ ନିମନ୍ତେ ମଞ୍ଜୁର କରିଛନ୍ତି । ସରକାରୀ ତଥ୍ୟ ଅନୁଯାୟୀ କାମ୍ପା ଫଣ୍ଡ ନିମନ୍ତେ ଗତ ପାଞ୍ଚବର୍ଷ (୨୦୧୨-୧୩ ରୁ ୨୦୧୬-୨୦୧୭) ମଧ୍ୟରେ ପ୍ରାୟ ଟ୧୩୭୫ କୋଟି ଅର୍ଥ ରାଜ୍ୟକୁ ପ୍ରଦାନ କରାଯାଇଛି ।

## କେନ୍ଦୁଝର

ଓଡ଼ିଶାର କେନ୍ଦୁଝର ଜିଲ୍ଲାରେ ସର୍ବାଧିକ ଡି.ଏମ୍.ଏଫ୍ ପାଣ୍ଠି ସଂଗ୍ରହ ହୋଇଛି । ୩୧ ମାର୍ଚ୍ଚ ୨୦୧୮ ପର୍ଯ୍ୟନ୍ତ ଟ୧୫୨୪ କୋଟି ସଂଗ୍ରହ ହୋଇସାରିଲାଣି । ପ୍ରତିବର୍ଷ ପ୍ରାୟ ୩୦୦ କୋଟି ସଂଗ୍ରହ ହେବ ବୋଲି ହିସାବ କରାଯାଇଛି । କେନ୍ଦୁଝର ଜିଲ୍ଲାରେ ମୁଖ୍ୟତଃ ଡି.ଏମ୍.ଏଫ ଅର୍ଥ ଲୁହା ପଥର ଖଣିରୁ ଆସିଥାଏ । ବର୍ତ୍ତମାନର ତଥ୍ୟ ଅନୁଯାୟୀ ଜିଲ୍ଲାରେ ୨୧ ଗୋଟି ଚଳନ୍ତି ଲୁହା ପଥର ଖଣି ରହିଛି, ଏହା ଉଭୟ ସରକାରୀ ଓ ଘରୋଇ କମ୍ପାନୀ ମାନଙ୍କ ଦ୍ୱାରା ପରିଚାଳିତ । ଏଥିରେ ଓଡ଼ିଶା ଖଣି ନିଗମ ଲିଃ ଏବଂ ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ ଲିଃ ମଧ୍ୟ ସାମିଲ ଅଛନ୍ତି । ଏହା ବ୍ୟତିତ ରାଜ୍ୟରେ ମାଙ୍ଗାନିଜ ଖଣି ମଧ ରହିଛି ।

ଜିଲ୍ଲାର ମୋଟ ୧୩ଟି ବ୍ଲକରୁ ୬ଟି ବ୍ଲକର ୪୯୧ ଗୋଟି ଗ୍ରାମ ଖଣି ପ୍ରଭାବିତ ଭାବେ ଚିହ୍ନଟ କରାଯାଇଛି । *(ଟେବୁଲ-୨ କେନ୍ଦୁଝର ଜିଲ୍ଲାରେ ପ୍ରତ୍ୟକ୍ଷ ଭାବେ ଖଣି ପ୍ରଭାବିତ ଗ୍ରାମ ତାଲିକା ଦ୍ରଷ୍ଟବ୍ୟ)* । ଏହା ରାଜ୍ୟ ଡି.ଏମ୍. ଏଫ ନିୟମ ପ୍ରକାରେ ଖଣି ଠାରୁ ୧୦ କିମି ପରିଧି ମଧ୍ୟରେ ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ଅଞ୍ଚଳ ଅନୁଯାୟୀ ସ୍ଥିରିକୃତ କରାଯାଇଛି ।

ଯୋଡା, ବଂଶପାଳ, ହାଟଡିହି, ଝୁମ୍ପୁରା ଓ ଚମ୍ପୁଆ ବ୍ଲକ ଗୁଡ଼ିକ ଖଣି କାର୍ଯ୍ୟ ଯୋଗୁ ସର୍ବାଧିକ ପ୍ରଭାବିତ ଅଟେ । ଯୋଡା ବ୍ଲକ୍ ଅଂଚଳରେ ଯୋଡା ଓ ବଡ଼ବିଲ ମ୍ୟୁନିସିପାଲଟି ରହିଛି । ତାହା ବ୍ୟତିତ ଅନ୍ୟ ବ୍ଲକ ଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ଗ୍ରାମାଞ୍ଚଳ ଅଟେ । ଖଣି ଦ୍ୱାରା ପ୍ରଭାବିତ ଅଞ୍ଚଳ ଗୁଡ଼ିକରେ ଅଧିକ ଆଦିବାସୀ ଲୋକସଂଖ୍ୟା ରହିଛି । *(ଟେବୁଲ-୩ : କେନ୍ଦୁଝର ଜିଲ୍ଲାର ଖଣି ପ୍ରଭାବିତ ବ୍ଲକର ଲୋକ ସଂଖ୍ୟା ଦ୍ରଷ୍ଟବ୍ୟ)*

### ଟେବୁଲ 2: କେନ୍ଦୁଝର ଜିଲ୍ଲାରେ ପ୍ରତ୍ୟକ୍ଷ ଭାବେ ଖଣି ପ୍ରଭାବିତ ଗ୍ରାମ

| ବ୍ଲକର ନାମ | ଗ୍ରାମ ସଂଖ୍ୟା | ମ୍ୟୁନିସପାଲଟି ଅଞ୍ଚଳ |
|---|---|---|
| ଯୋଡା | 12.9 | 17* |
| ଝୁମ୍ପୁରା | 104 | – |
| ବଂଶପାଳ | 69 | – |
| ହାଡ଼ଡିହି | 64 | – |
| ଚମ୍ପୁଆ | 63 | – |
| କେନ୍ଦୁଝର ସଦର | 49 | 1** |
| ହରିଚନ୍ଦନ ପୁର | 8 | – |

*ଝଏଥିରେ ଯୋଡା ଓ ବଡ଼ବିଲ ମ୍ୟୁନିସପାଲଟି ଅଞ୍ଚଳ ଅନ୍ତର୍ଭୁକ୍ତ; ଝଝ କେନ୍ଦୁଝର ମ୍ୟୁନିସପାଲଟି।*
*ସୂତ୍ର :- ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପୋଟାଲ, କେନ୍ଦୁଝର -2018*

### ଟେବୁଲ 3: କେନ୍ଦୁଝର ଜିଲ୍ଲାରେ ଖଣି ପ୍ରଭାବିତ ବ୍ଲକର ଲୋକସଂଖ୍ୟା

| ବ୍ଲକ/ମ୍ୟୁନିସିପାଲିଟି ନାମ | ସହରାଂଚଳ % | ଗ୍ରାମାଂଚଳ % | ଅନୁସୂଚିତ ଜାତି % | ଅନୁସୂଚିତ ଜନଜାତି % |
|---|---|---|---|---|
| ଯୋଡ଼ା | 15 | 85 | 9 | 60 |
| ଯୋଡ଼ା ମ୍ୟୁନିସିପାଲଟି | 100 | – | 17.3 | 27.7 |
| ବଡ଼ବିଲ ମ୍ୟୁନିସିପାଲଟି | 100 | – | 12.8 | 24.5 |
| ଝୁମ୍ପୁରା | 5 | 95 | 7 | 51 |
| ବଂଶପାଳ | 0 | 100 | 4 | 80 |
| ହାଟଡିହି | 0 | 100 | 26 | 18 |
| ଚମ୍ପୁଆ | 9 | 91 | 9 | 46 |
| ହରିଚନ୍ଦନପୁର | 3 | 97 | 7 | 56 |
| କେନ୍ଦୁଝର ସଦର | – | 100 | 10 | 50 |

*ସୂତ୍ର: ଭାରତର ଜନଗଣନା – 2011*

## ଟେବୁଲ 4: ବିଭିନ୍ନ କାର୍ଯ୍ୟକ୍ଷେତ୍ର ନିମନ୍ତେ ଅର୍ଥ ମଞ୍ଜୁର

| କାର୍ଯ୍ୟକ୍ଷେତ୍ର | ମଞ୍ଜୁର ଅର୍ଥ କୋଟି ଟଙ୍କାରେ | ପ୍ରତିଶତ % | ମୁଖ୍ୟ ପ୍ରକଳ୍ପ |
|---|---|---|---|
| ସ୍ୱାସ୍ଥ୍ୟ | 396.0 | 40.3 | ଗୋଟିଏ ଡାକ୍ତରୀ ମହାବିଦ୍ୟାଳୟ ଓ ତତ୍ ସମ୍ପର୍କିତ କାର୍ଯ୍ୟ (96 ପ୍ରତିଶତରୁ ଅଧିକ) |
| ଭିତ୍ତିଭୂମି ପ୍ରତିଷ୍ଠା | 360.0 | 36.6 | ରାସ୍ତା ଓ ପୋଲ ନିର୍ମାଣ |
| ପାନୀୟ ଜଳ ଯୋଗାଣ | 132.4 | 13.5 | ବିଭିନ୍ନ ସ୍ଥାନରେ ନଳକୂପ ସ୍ଥାପନ (80.58%) ଯୋଡ଼ା ଓ ବଡ଼ବିଲରେ ପାଇପ ଯୋଗେ ଜଳ ଯୋଗାଣ (14.3 ପ୍ରତିଶତ) |
| ଶିକ୍ଷା | 47.5 | 4.9 | ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ (72.82 ପ୍ରତିଶତ) ଛାତ୍ରାବାସ ନିର୍ମାଣ (20.90 ପ୍ରତିଶତ) |
| ମହିଳା ଓ ଶିଶୁ କଲ୍ୟାଣ | 1.9 | 0.2 | ଅଙ୍ଗନବାଡି କେନ୍ଦ୍ରର ନିର୍ମାଣ ଓ ଉନ୍ନତିକରଣ |
| ଦକ୍ଷତା ବିକାଶ ଓ ନିଯୁକ୍ତ | 25.4 | 2.6 | ଡ୍ରାଇଭିଂ ତାଲିମ କେନ୍ଦ୍ର (58.7 ପ୍ରତିଶତ) ଦକ୍ଷତା ତାଲିମ କେନ୍ଦ୍ର ପ୍ରତିଷ୍ଠା ଏବଂ ଛାତ୍ରାବାସ (33 ପ୍ରତିଶତ) |
| ଜଳସେଚନ | 16.0 | 1.6 | ଚେକଡ୍ୟାମ ନିର୍ମାଣ (60.4 ପ୍ରତିଶତ) ଉଠା ଜଳସେଚନ ଏବଂ କ୍ଷୁଦ୍ର ଜଳସେଚନ (39.5 ପ୍ରତିଶତ) |
| ଶକ୍ତି ଓ ଜଳବିଭାଜିକା | 3.0 | 0.3 | ବର୍ଷାଜଳ ସଂରକ୍ଷଣ (88 ପ୍ରତିଶତ) |
| ବନୀକରଣ | 1.6 | 0.2 | ମୃତ୍ତିକା ସଂରକ୍ଷଣ କାର୍ଯ୍ୟ (90 ପ୍ରତିଶତ) |

*ସୂତ୍ର: ଡି.ଏମ୍.ଏଫ ଜିଲ୍ଲା ପୋର୍ଟାଲ – କେନ୍ଦୁଝର*

## ଅର୍ଥ ମଞ୍ଜୁରୀର ଧାରା

- କେନ୍ଦୁଝର ଜିଲ୍ଲାରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ନିମନ୍ତେ ପ୍ରାୟତଃ ଟ. ୯୮୩.୬ କୋଟି ମଞ୍ଜୁର କରାଯାଇଛି । *(ଟେବୁଲ-୪ – ବିଭିନ୍ନ କାର୍ଯ୍ୟକ୍ଷେତ୍ର ପାଇଁ ଅର୍ଥ ମଞ୍ଜୁରୀ ଦ୍ରଷ୍ଟବ୍ୟ)*
- ସ୍ୱାସ୍ଥ୍ୟ ରକ୍ଷା ନିମନ୍ତେ ସର୍ବାଧିକ ଅର୍ଥ ମଞ୍ଜୁର କରାଯାଇଛି । (୪୦ ପ୍ରତିଶତରୁ ଅଧିକ) ତନ୍ମଧ୍ୟରୁ ୯୬ ପ୍ରତିଶତରୁ ଅଧିକ (ପ୍ରାୟ ୩୮୩ କୋଟି ଟଙ୍କା) କେନ୍ଦୁଝର ସହରରେ ଏକ ମେଡିକାଲ କଲେଜ ନିମନ୍ତେ କରାଯାଇଛି ।
- ପାନୀୟ ଜଳ ଯୋଗାଣ ଅନ୍ୟ ଏକ ଅଗ୍ରାଧିକାର କ୍ଷେତ୍ର ଅଟେ; ଯାହା ନିମନ୍ତେ ଅର୍ଥ ମଞ୍ଜୁର କରାଯାଇଛି । ଏଥିରେ ଗ୍ରାମାଞ୍ଚଳରେ ନଳକୂପ ସ୍ଥାପନ ନିମନ୍ତେ ଟ. ୧୩୨.୪ କୋଟି ମଞ୍ଜୁର କରାଯାଇଛି । ଯୋଡ଼ା ଓ ବଡ଼ବିଲରେ ଅଞ୍ଚଳରେ ୧୪.୩ ପ୍ରତିଶତ ପାଇପ ଯୋଗେ ଜଳଯୋଗାଣ ନିମନ୍ତେ ଉଦ୍ଦିଷ୍ଟ ।
- ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ର ନିମନ୍ତେ ଅପେକ୍ଷାକୃତ ଭାବେ କମ ଅର୍ଥ ମଞ୍ଜୁର କରାଯାଇଛି । ତନ୍ମଧ୍ୟରୁ ଅଧିକ ଧ୍ୟାନ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ଓ ଗୋଟିଏ ଡ୍ରାଇଭିଂ ଟ୍ରେନିଂ ସ୍କୁଲ ନିମନ୍ତେ ଦିଆଯାଇଛି ।

## ଅର୍ଥ ବିନିଯୋଗ ଓ କାର୍ଯ୍ୟକାରିତା

କେନ୍ଦୁଝର ଜିଲ୍ଲାର କେତେକ ମାନବ ସମ୍ବଳ ବିକାଶ ସୂଚକ ଅନୁସାରେ ବହୁତ ଅନୁନ୍ନତ ଅଟେ । ଯଥା- ପୁଷ୍ଟି, ସ୍ୱାସ୍ଥ୍ୟରକ୍ଷା, ଆୟ ଓ ଜିବିକା *(ଟେବୁଲ-୫ ମୁଖ୍ୟ ମାନବ ସମ୍ବଳ କ୍ଷେତ୍ର ଓ ମୁନିଆ ଦ୍ରଷ୍ଟବ୍ୟ ସୂଚକ)* ଏହି ତଥ୍ୟ ଓ ଅଦ ୍ୟାବଧି ମଞ୍ଜୁର ଅର୍ଥକୁ ବିଚାର କରି ଅଧିକ ସୁଫଳ ନିମନ୍ତେ ନିମ୍ନରେ କେତେକ ପ୍ରସ୍ତାବ ଦିଆଯାଇଛି ।

- ଜିଲ୍ଲାର ପ୍ରତ୍ୟକ୍ଷ ପ୍ରଭାବିତ ଅଞ୍ଚଳ ସ୍ଥିରିକୃତ ହୋଇଥିବା ସତ୍ତ୍ୱେ ଆର୍ଥିକ ବ୍ୟୟ ସେଠାର ଆବଶ୍ୟକତାକୁ ଦେଖି ବର୍ତ୍ତମାନ ସୁଦ୍ଧା କରାଯାଇଥିବା ଖର୍ଚ୍ଚ କମ୍ ରହିଛି । ନିମ୍ନଲିଖିତ କେତେକ ଅତି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଅର୍ଥ ବ୍ୟୟ ଅପେକ୍ଷାକୃତ ଭାବେ ବହୁତ କମ । ଏଠାରେ ଆବଶ୍ୟକତା ଅନୁଯାୟୀ ଉପଯୁକ୍ତ ଯୋଜନାର ଅଭାବ ଓ ମୁଖ୍ୟ କାର୍ଯ୍ୟକ୍ରମ ଚିହ୍ନଟ କ୍ଷେତ୍ରରେ ଅବହେଳା ପରିଲକ୍ଷିତ ହୋଇଛି । ନିମ୍ନ କେତେକ କାର୍ଯ୍ୟ କ୍ଷେତ୍ର ନିମନ୍ତେ ଅର୍ଥ ମଞ୍ଜୁରରୁ ତାହା ସ୍ପଷ୍ଟ ଅଟେ ।
  - ସ୍ୱାସ୍ଥ୍ୟ ସେବା – ସ୍ୱାସ୍ଥ୍ୟ ସେବା ନିମନ୍ତେ ମଞ୍ଜୁର ଅର୍ଥର ପ୍ରାୟ ସମ୍ପୂର୍ଣ୍ଣ ଅଂଶ ଟ.୩୯୬ କୋଟି କେନ୍ଦୁଝର ଟାଉନରେ ଏକ ୧୦୦ ଶଯ୍ୟା ବିଶିଷ୍ଟ ଡାକ୍ତରୀ ମହା ବିଦ୍ୟାଳୟ / ଭେଷଜ ମହାବିଦ୍ୟାଳୟ ଓ



Chimmayi Shalya / CSE

ପ୍ରତି ଏକ ହଜାର ଜନ୍ମିତ ଶିଶୁଙ୍କ ମଧ୍ୟରୁ ପାଞ୍ଚ ବର୍ଷରୁ କମ୍ ବୟସର 70 ଶିଶୁଙ୍କ ମୃତ୍ୟୁ (ୟୁ୫ଏମ୍ଆର୍)ସତ୍ତ୍ୱେ, କେନ୍ଦୁଝରରେ ମହିଳା ଓ ଶିଶୁ ବିକାଶ କ୍ଷେତ୍ର ପାଇଁ କେବଳ 2 କୋଟି ଟଙ୍କା ମଞ୍ଜୁର କରାଯାଇଛି

ତାଲିମ ହସପିଟାଲ ନିମନ୍ତେ ମଞ୍ଜୁର କରାଯାଇଛି। ଖଣି ପ୍ରଭବିତ ଅଞ୍ଚଳକୁ ମିଶଇ ଜିଲ୍ଲାର ଅଧିକାଂଶ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ଉଦ୍‌ବେଗ ଜନକ ଥିବା ବେଳେ ଏଭଳି ମଞ୍ଜୁରୀ ହୋଇଛି। ଜିଲ୍ଲାର ମାତ୍ର ୪ ପ୍ରତିଶତ ଗ୍ରାମରେ ପ୍ରାଥମିକ ସ୍ୱାସ୍ଥ୍ୟ ସୁବିଧା ୫ କି.ମି. ବ୍ୟାସାର୍ଦ୍ଧ ମଧ୍ୟରେ ଉପଲବ୍ଧ। ଏହା ବ୍ୟତିତ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ୭୭ ପ୍ରତିଶତ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଆବଶ୍ୟକତା ରହିଛି।

- ଶିଶୁ ଓ ମହିଳା କଲ୍ୟାଣ – ଜିଲ୍ଲାର ଗ୍ରାମାଞ୍ଚଳରେ ଟ୫ଗଜ ୭୦ ଥିବା ବେଳେ ଏବଂ ୪୦ ପ୍ରତିଶତ ଶିଶୁ (୫ ବର୍ଷରୁ କମ ବୟସ) ଅପପୁଷ୍ଟିର ଶିକାର ଏବଂ ଆବଶ୍ୟକ ଓଜନ ଠାରୁ କମ ଓଜନର ହୋଇଥିବା ବେଳେ ଏ କ୍ଷେତ୍ରରେ ମାତ୍ର ୨କୋଟି ଟଙ୍କାର ମଞ୍ଜୁର ସୂଚନା ଦେଉଛି ଯେ ଲୋକଙ୍କ

## ଟେବୁଲ 5: ମୂଖ୍ୟ ମାନବ ସମ୍ବଳ କ୍ଷେତ୍ର ସୂଚକ ଓ ସୁବିଧା

| ଜିଲ୍ଲା<br>ଲୋକ ସଂଖ୍ୟା | ମୋଟ | ସହରାଞ୍ଚଳ % | ଗ୍ରାମାଞ୍ଚଳ % | ଅନୁସୂଚିତ ଜାତି % | ଅନୁସୂଚିତ ଜନଜାତି % |
|---|---|---|---|---|---|
| | 1,801,733 | 14.1 | 85.9 | 11.6 | 45.5 |
| ପରିବାର | 406,629 | 14 | 86 | – | – |
| ସାକ୍ଷରତା | 59.8 | 79 | 67 | 64.4 | 40.3 |
| ପୁଷ୍ଟି —U5MR | – | 65 | 70 | – | – |
| ପାଇପ ଜଳଯୋଗାଣ ସୁରକ୍ଷିତ | – | 40.1 | 2.9 | – | – |
| ଗ୍ରାମାଞ୍ଚଳରେ ସ୍ଥିତ ପରିବାର ଯାହାଙ୍କର ସର୍ବାଧିକ ମାସିକ ଆୟ ଟ. 5000 ଖରୁ କମ୍% | 90.6 | | | | |
| ନିଯୁକ୍ତି | ଶ୍ରୀମିକ | ଅଣଶ୍ରମିକ | ଅଣଶ୍ରମିକ ୧୫-୫୯ ବର୍ଷ % | | |
| | 42.5 | 57.5 | 35.9 | | |

*ସୂତ୍ର: ଭାରତର ଜନଗଣନା, 2011, ସାମାଜିକ ଓ ଅର୍ଥନୈତିକ ଜନଗଣନା – 2011*



Srestha Banerjee / CSE

ଡିଏମ୍‌ଏଫ୍ ପାଇଁ ସ୍ଥାନୀୟ ସମ୍ବଳଗୁଡ଼ିକର ଉପଯୁକ୍ତ ଯୋଜନା ନାହିଁ, ଯାହା ଅନ୍ତତଃ ସ୍ଥାନୀୟ ଲୋକମାନଙ୍କ ପାଇଁ ସ୍ଥାୟୀ ଜୀବିକାର୍ଜନକୁ ସୁରକ୍ଷିତ କରିବାରେ ସାହାଯ୍ୟ କରିପାରନ୍ତା।

ଆବଶ୍ୟକତା ଅନୁଯାୟୀ ସଠିକ୍ ଯୋଜନା ହେଉନାହିଁ। ଦେଖିବାକୁ ଗଲେ ଟ.୯୮୩ କୋଟି ମଞ୍ଜୁରୀ ମଧ୍ୟରେ ଏହା ସର୍ବନିମ୍ନ ମଞ୍ଜୁରୀ ଅଟେ।

- ଜୀବିକା – ଗ୍ରାମାଞ୍ଚଳରେ ସ୍ଥିତ ୯୦ ପ୍ରତିଶତ ପରିବାର ମାନଙ୍କର ମୁଖ୍ୟ ଉପର୍ଜନକାରୀଙ୍କର ମାସିକ ସର୍ବାଧିକ ଆୟ ଟ. ୫୦୦୦ରୁ କମ ଅଟେ। ଏହା ଦୂର କରିବା ପାଇଁ ଜିଲ୍ଲାରେ ବହୁତ କମ ପଦକ୍ଷେପ ଗ୍ରହଣ କରାଯାଇଛି ଦକ୍ଷତା ବିକାଶ ନିମନ୍ତେ ଏହା ମୋଟ ମଞ୍ଜୁର ଅର୍ଥ ଟ. ୯୮୩ କୋଟିରୁ କେବଳ ୨.୬ ପ୍ରତିଶତ ମୟଜୁର ହୋଇଛି। ଗୋଟିଏ ମୋଟର ଡ୍ରାଇଭିଂ ସ୍କୁଲ ଓ ଛାତ୍ରାବାସ ନିର୍ମାଣ ନିମନ୍ତେ ଏହା ମଞ୍ଜୁର କରାଯାଇଛି। ସ୍ଥାନୀୟ ଭାବେ ଉପଲବ୍ଧ ସାଧନର ଉପଯୋଗର କୌଣସି ଯୋଜନା ନାହିଁ, ଯେପରିକି ଜଙ୍ଗଲ ଜାତ ଦ୍ରବ୍ୟ *(ଜିଲ୍ଲାରେ ୩୭ ପ୍ରତିଶତରୁ ଅଧିକ ଅଞ୍ଚଳ ଜଙ୍ଗଲ)* ଯାହା ସ୍ଥାନୀୟ ଅଧିବାସୀଙ୍କୁ ଉନ୍ନତ ଜୀବିକା ପ୍ରଦାନ କରିପାରିବ।
- ସେହିପରି ଭାବରେ ଅର୍ଥ ବ୍ୟୟରେ ପ୍ରକୃତ ସ୍ଥାନୀୟ ସମସ୍ୟାଗୁଡ଼ିକୁ ବିଚାରକୁ ନିଆଯାଇ ନାହିଁ। ଉଦ ାହରଣ ସ୍ୱରୂପ ଏକ ବୈଜ୍ଞାନିକ ଅନୁସନ୍ଧାନ ଅନୁଯାୟୀ ଜିଲ୍ଲାର ଭୂତଳ ଜଳରେ ଲୌହ, ଫ୍ଲୋରାଇଡ ଏବଂ ନାଇଟ୍ରେଟ ଥିବା ସୂଚନା ଥିବା ସତ୍ତ୍ୱେ, ପାନୀୟ ଜଳ ଯୋଗାଣ ନଳକୂପ ନିମନ୍ତେ ମଞ୍ଜୁର କରାଯାଇଛି।

## ସୁନ୍ଦରଗଡ଼:

ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲାରେ ଲୁହାପଥର ଓ କୋଇଲା ପର୍ଯ୍ୟାପ୍ତ ପରିମାଣରେ ଉତ୍ପାଦିତ ହୁଏ। ଏହି ଜିଲ୍ଲାର ଡି.ଏମ୍.ଏଫ୍ ମୋଟ ଟ.୭୮୦ କୋଟି ଅର୍ଥ ସଂଗୃହିତ ହୋଇଛି। ଏହା ବ୍ୟତିତ ପ୍ରତିବର୍ଷ ପ୍ରାୟ ଟ.୪୦୦ କୋଟି ଅଧିକ ମିଳିବା ହିସାବ କରାଯାଇଛି।

୨୦୧୬–୧୭, ଆର୍ଥିକ ବର୍ଷରେ ଜିଲ୍ଲାରେ ମୋଟ ୨୩.୬୩ ମେଟ୍ରିକଟନ ଲୁହାପଥର ଉତ୍ପାଦିତ ହୋଇଛି। ସେହି ସମୟରେ କୋଇଲା ଉତ୍ପାଦନ ୧୩୫ ମେଟ୍ରିକଟନ ହୋଇଛି। ଏହା ବ୍ୟତିତ ଜିଲ୍ଲାରେ ଅନ୍ୟ ଖଣିଜ ଦ୍ରବ୍ୟ ଯଥା ମାଙ୍ଗାନିଜ, ଚୂନପଥର ଓ ଡୋଲୋମାଇଟ ମଧ ଉତ୍ପାଦିତ ହେଉଛି। ଜିଲ୍ଲାରେ ଲୁହାପଥର ଉତ୍ପାଦନ କରୁଥିବା ମୁଖ୍ୟକମ୍ପାନୀ ଗୁଡ଼ିକ ହେଲା ରୁଙ୍ଗଟା ମାଇନସ ଲିଃ, ରୁଙ୍ଗଟା ସନସ ପ୍ରା: ଲିଃ, ଏବଂ ଜିନ୍ଦଲ ଷ୍ଟିଲ ଏବଂ ପାୱାର ଲିଃ। ଏହା ବ୍ୟତିତ ଅନ୍ୟ କେତେକ ସଂସ୍ଥା ମଧ୍ୟ ସଂଶ୍ଳିଷ୍ଟ। ମୂଖ୍ୟ କୋଇଲା ଉତ୍ପାଦନକାରୀ କମ୍ପାନୀ ହେଉଛି ମହାନଦୀ କୋଲଫିଲଡ୍ସ ଲିଃ।

ସୁନ୍ଦରଗଡ଼ ଜିଲ୍ଲାରେ ଖଣି ଦ୍ୱାରା ପ୍ରଭାବିତ ମୂଖ୍ୟ ଅଞ୍ଚଳ ମଧ୍ୟରେ ୬ଟି ବ୍ଲକର ପ୍ରାୟ ୨୭ଟି ଗ୍ରାମ ପଞ୍ଚାୟତ ରହିଛି। ଏଥିରେ କୋଇଡ଼ା, କୁତ୍ରା, ହେମଗିରି, କୁଅଁରମୁଣ୍ଡା, ରାଜଗାଙ୍ଗପୁର ଓ ଲହୁଣିପଡା ଅନ୍ୟତମ *(ଟେବୁଲ-୬ ସୁନ୍ଦରଗଡ଼ ଜିଲ୍ଲା ଖଣି ପ୍ରଭାବିତ ଅଞ୍ଚଳ ଦ୍ରଷ୍ଟବ୍ୟ)*

ଏହି ଅଞ୍ଚଳ ଗୁଡ଼ିକ ମୁଖ୍ୟତଃ ଗ୍ରାମାଞ୍ଚଳ ଅଟେ। ଉଦାହରଣ ସ୍ୱରୂପ କୁତ୍ରା, ଲହୁଣିପଡ଼ା, ନୂଆଗାଁ ଏବଂ ହିମଗିରିରେ ଶତ ପ୍ରତିଶତ ଗ୍ରାମ୍ୟ ବସତି ରହିଛି। ଏହି ସବୁ ଖଣି ପ୍ରଭାବିତ ଅଞ୍ଚଳ ଗୁଡ଼ିକରେ ଆଦିବାସୀ ଜନସଂଖ୍ୟା ମଧ୍ୟ ଅଧିକ ଅଟେ। *(ଟେବୁଲ-୭ – ସୁନ୍ଦରଗଡ଼ ଜିଲ୍ଲାର ଖଣି ପ୍ରଭାବିତ ଅଞ୍ଚଳର ଲୋକ ସଂଖ୍ୟା ଦ୍ରଷ୍ଟବ୍ୟ)*

### ଟେବୁଲ 6: ସୁନ୍ଦରଗଡ଼ ଜିଲ୍ଲା ଖଣି ପ୍ରଭାବିତ ଅଞ୍ଚଳ

| ବ୍ଲକର ନାମ | ମୋଟ ଗ୍ରା:ପ ସଂଖ୍ୟା | ପ୍ରାଭବିତ ଗ୍ରା:ପ ସଂଖ୍ୟା |
|---|---|---|
| କୋଇଡ଼ା | 12 | 7 |
| କୁତ୍ରା | 16 | 6 |
| ଲହୁଣିପଡ଼ା | 17 | 4 |
| ହେମଗିରି | 19 | 4 |
| ରାଜଗାଙ୍ଗପୁର | 12 | 3 |
| କୁଂମରମୁଣ୍ଡା | 20 | 3 |

*ସୂତ୍ର: ସୁନ୍ଦରଗଡ଼ 4ର୍ଥ ଡି.ଏମ୍.ଏଫ ଟ୍ରଷ୍ଟ ମିଟିଂ*

## ଟେବୁଲ 7: ସୁନ୍ଦରଗଡ଼ ଜିଲ୍ଲାରେ ଖଣି ପ୍ରଭାବିତ ଅଞ୍ଚଳ ଜନସଂଖ୍ୟା

| ବ୍ଲକ / ମ୍ୟୁନିସିପାଲଟି ନାମ | ଗ୍ରାମାଞ୍ଚଳ % ଲୋକସଂଖ୍ୟା | ସହରାଞ୍ଚଳ % ଲୋକସଂଖ୍ୟା | ଅନୁସୁଚିତ ଜାତି % | ଅନୁସୁଚିତ ଜନଜାତି % |
|---|---|---|---|---|
| କୋଇଡ଼ା | 87 | 13 | 6.3 | 70.2 |
| କୁତ୍ରା | 100 | – | 7.1 | 77.1 |
| ଲହୁଣିପଡ଼ା | 100 | – | 6.5 | 67.9 |
| ହେମଗିରି | 100 | – | 14.5 | 45.3 |
| ରାଜଗାଙ୍ଗପୁର | 90.5 | 9.5 | 5.7 | 81 |
| କୁଅଁରମୁଣ୍ଡା | 91.6 | 8.4 | 5.9 | 76.9 |

*ସୂତ୍ର: ଭାରତର ଜନଗଣନା – 2011*

ପ୍ରତ୍ୟକ୍ଷ ପ୍ରଭାବିତ ଗ୍ରା:ପ ବ୍ୟତିତ ଜିଲ୍ଲାର ୧୦୭ ଗ୍ରାମ ଏବଂ ୪ଟି ମ୍ୟୁନିସପାଲଟି – ସୁନ୍ଦରଗଡ଼, ରାଉରକେଲା, ରାଜଗାଙ୍ଗପୁର ଓ ବୀରମିତ୍ରପୁର ପରୋକ୍ଷ ପ୍ରଭାବିତ ଅଞ୍ଚଳରୁପେ ଘୋଷଣା କରାଯାଇଛି । ଏହି ସବୁ ଅଞ୍ଚଳ ସ୍ଥିରକରିବା ନିମନ୍ତେ କୌଣସି ନିର୍ଦ୍ଦିଷ୍ଟ ମାନଦଣ୍ଡ ଦିଆଯାଇ ନାହିଁ ।

### ଅର୍ଥ ମଞ୍ଜୁର ଧାରା

ବିଭିନ୍ନ ଉନ୍ନୟନ ପ୍ରକଳ୍ପ ନିମନ୍ତେ ସୁନ୍ଦରଗଡ଼ ଜିଲ୍ଲାରେ ଟ.୭୪୫ କୋଟି ମଞ୍ଜୁର କରାଯାଇଛି । ମୁଖ୍ୟତଃ ଭିତ୍ତିଭୂମି ପ୍ରତିଷ୍ଠା ନିମନ୍ତେ ଅଧିକ ଦୃଷ୍ଟି ଦିଆଯାଇଛି । ମୋଟ ମଞ୍ଜୁର ଅର୍ଥର ୪୧ ପ୍ରତିଶତରୁ ଅଧିକ ଏଥିପାଇଁ ମଞ୍ଜୁର କରାଯାଇଛି । *(ଟେବୁଲ – ୮ ବିଭିନ୍ନ କାର୍ଯ୍ୟକ୍ଷେତ୍ର ନିମନ୍ତେ ଅର୍ଥ ମଞ୍ଜୁର ଦ୍ରଷ୍ଟବ୍ୟ ।)*

## ଟେବୁଲ 8: ବିଭିନ୍ନ କାର୍ଯ୍ୟକ୍ଷେତ୍ର ନିମନ୍ତେ ଅର୍ଥ ମଞ୍ଜୁର

| କାର୍ଯ୍ୟକ୍ଷେତ୍ର | ଅର୍ଥ ମଞ୍ଜୁର (କୋଟି ଟଙ୍କାରେ) | ଶତକଡା % ଅନୁପାତ | ମୂଖ୍ୟ ପ୍ରକଳ୍ପ |
|---|---|---|---|
| ଭିତ୍ତିଭୂମି ପ୍ରତିଷ୍ଠା | 307.2 | 41.1 | ମୁଖ୍ୟତଃ ରାସ୍ତା ଓ ପୋଲ ନିର୍ମାଣ |
| ପାନୀୟ ଜଳଯୋଗାଣ | 238.5 | 32.0 | ପାଇପ ଯୋଗେ ଜଳଯୋଗାଣ ଏବଂ ତତ୍ ସମ୍ପର୍କିତ କାର୍ଯ୍ୟ (68 ପ୍ରତିଶତ) ସୌରଚାଳିତ ନଳକୂପ ଏବଂ ଦ୍ୱିବିଧ ପମ୍ପ (29 ପ୍ରତିଶତ) |
| ଶିକ୍ଷା | 94.5 | 12.7 | ହଷ୍ଟେଲ ଓ ଶିକ୍ଷ ତାଲିମ କେନ୍ଦ୍ର ନିର୍ମାଣ, ଆସବାବ ପତ୍ର ଯୋଗାଣ, ଭୋଜନ ଗୃହ, ଅତିରିକ୍ତ ଶ୍ରେଣୀଗୃହ ଏବଂ ଜଳ ପରିଶୋଧନ ପ୍ଲାଣ୍ଟ ପ୍ରତିଷ୍ଠା |
| ମହିଳା, ଶିଶୁ ଓ ବୟସ୍କ ବ୍ୟକ୍ତିଙ୍କ କଲ୍ୟାଣ । | 30.6 | 4.1 | ବୃଦ୍ଧାଶ୍ରମ ନିର୍ମାଣ, ଆଶ୍ରୟସ୍ଥଳ ଆଶାଗୃହ ଏବଂ ଅ ଙ୍ଗନବାଡ଼ି କେନ୍ଦ୍ର |
| ପରିବେଶ ସୁରକ୍ଷା ଓ ପ୍ରଦୂଷଣ ନିୟନ୍ତ୍ରଣ | 5.8 | 0.8 | ପୌରାଞ୍ଚଳ ବୃକ୍ଷରୋପଣ ଏବଂ ଜୈବସୁରକ୍ଷା ପର୍ଯ୍ୟଟନ (90 ପ୍ରତିଶତ) ଏବଂ ଧୂମ୍ରହିନ ଚୂଲା ନିର୍ମାଣ |
| ସ୍ୱାସ୍ଥ୍ୟରକ୍ଷା | 32.9 | 4.4 | ସ୍ୱାସ୍ଥ୍ୟରକ୍ଷା ଓ ମେଡିକାଲ କ୍ୟାମ୍ପ (27 ପ୍ରତିଶତ) ଜିଲ୍ଲା ହସପିଟାଲ ପୁନରୁଦ୍ଧାର (11.7 ପ୍ରତିଶତ) ବିଶେଷଜ୍ଞ ନିଯୁକ୍ତି (୯ ପ୍ରତିଶତ) ସକ୍ରିୟ ଜୀବନ ଓ ନିରାପଦ ଗୃହ ପରିଚାଳନା ନିର୍ମାଣ, ସ୍ୱାସ୍ଥ କେନ୍ଦ୍ର, ଚିକିତ୍ସା ଉପକରଣ ଓ ଡିଜିଟାଲ ରେକର୍ଡ |
| ସଫେଇ ବ୍ୟବସ୍ଥା | 2.6 | 0.3 | ମୁଖ୍ୟତଃ ଶୌଚାଳୟ ନିର୍ମାଣ |
| ଶକ୍ତି ଓ ଜଳ ବିଭାଜିକା | 15.3 | 2.1 | ରାସ୍ତାପାର୍ଶ୍ୱ ସୌର ଆଲୋକ ବ୍ୟବସ୍ଥା (68 ପ୍ରତିଶତ) ଏବଂ ଅନ୍ୟ ଆଲୋକ ବ୍ୟବସ୍ଥା |
| ଜଳସେଚନ | 16.6 | 2.2 | ପୋଖରୀର ପୁନରୁଦ୍ଧାର ଓ ବନ୍ଧ ଇତ୍ୟାଦି |
| କ୍ରୀଡା | 0.9 | 0.13 | ଜିଲ୍ଲା କ୍ରୀଡା କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ଭୂମି କ୍ରୟ ଓ ନିର୍ମାଣ, କ୍ରୀଡା ଉପକରଣ ଖର୍ଚ୍ଚ । |

*ସୂତ୍ର: ଡି.ଏମ୍.ଏଫ ପୋର୍ଟାଲ – ସୁନ୍ଦରଗଡ଼*

- କୋଇଡ଼ା ଓ ଲହୁଣିପଡା ଭଳି ସର୍ବାଧିକ ଖଣିଜ ଦ୍ୱାରା ପ୍ରଭାବିତ ବ୍ଲକ୍‌ରେ ମଧ୍ୟ ଭିତ୍ତିଭୂମି ପ୍ରତିଷ୍ଠା ନିମନ୍ତେ ନିୟୋଜିତ ଅର୍ଥର ପରିମାଣ ଉଦ୍‌ବେଗ ଜନକ ଭାବେ ଅଧିକ । ଉଦାହରଣ ସ୍ୱରୂପ ନିର୍ମାଣ କାର୍ଯ୍ୟ ନିମନ୍ତେ କୋଇଡ଼ାରେ ମଞ୍ଜୁର ଅର୍ଥର ୮୦ ପ୍ରତିଶତ ଏବଂ ଲହୁଣିପଡ଼ାରେ ଏହା ଆଶ୍ଚର୍ଯ୍ୟଜନକ ଭାବେ ୯୩ ପ୍ରତିଶତ ଅଟେ । ଏଥିରେ ବୃହତ ରାସ୍ତା ପ୍ରକଳ୍ପ ପ୍ରାୟ ଟ.୨୫-୩୦ କୋଟି ଅନ୍ତର୍ଭୁକ୍ତ ।
- ସାଧାରଣ ଭିତ୍ତିଭୂମି ପ୍ରକଳ୍ପ ପରେ ପାନୀୟଜଳ ଯୋଗାଣ ନିମନ୍ତେ ଅଧିକ ଅର୍ଥ ମଞ୍ଜୁର କରାଯାଇଛି । ଏଥି ନିମନ୍ତେ ଟ. ୨୩୮ କୋଟି ମଞ୍ଜୁର ପ୍ରଦାନ କରାଯାଇଛି । ଏଥିରେ ପ୍ରାୟ ୬୮ ପ୍ରତିଶତ କେବଳ ପାଇପ ଯୋଗେ ଜଳ ଯୋଗାଣ ନିମନ୍ତେ ମଞ୍ଜୁର ହୋଇଛି । ମୁଖ୍ୟତଃ ମଞ୍ଜୁର ଅର୍ଥ (ପ୍ରାୟ ଟ. ୧୧୩ କୋଟି) ତିନିଗୋଟି ମ୍ୟୁନସିପାଲଟି ଅଞ୍ଚଳ – ବିରମିତ୍ରପୁର, ରାଜଗାଙ୍ଗପୁର, ଏବଂ ସୁନ୍ଦରଗଡ଼ରେ ପାଇପ ଯୋଗେ ଜଳଯୋଗାଣ ନିମନ୍ତେ ପ୍ରଦାନ କରାଯାଇଛି । ଏହି ତିନୋଟି ମ୍ୟୁନିସପାଲଟି ଅଞ୍ଚଳକୁ ଜିଲ୍ଲାର ପରିଚାଳନା ପରିଷଦ ସଭାରେ ପରୋକ୍ଷ ଭାବେ ପ୍ରଭାବିତ ଅଂଚଳ ବୋଲି ଦର୍ଶାଯାଇଛି ।
- ଜିଲ୍ଲାରେ ଭିତ୍ତିଭୂମି ଓ ନିର୍ମାଣ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିବା ବେଳେ ଶିଶୁ ପୁଷ୍ଟି ସମସ୍ୟା ଓ ସ୍ୱାସ୍ଥ୍ୟ ସେବା ପରି ଅତ୍ୟାବଶ୍ୟକ କ୍ଷେତ୍ରରେ ନଗଣ୍ୟ ଅର୍ଥ ବିନିଯୋଗ ହୋଇଛି । ଏହି ଦୁଇଟି କ୍ଷେତ୍ର ନିମନ୍ତେ ମାତ୍ର ଟ.୩୦.୫ କୋଟି ଲେଖାଏଁ ମଞ୍ଜୁର କରାଯାଇଛି ।




Anindya Sarangi / CSE

ମୋଟ ମଞ୍ଜୁର ରାଶିର 41 ପ୍ରତିଶତରୁ ଅଧିକ ସୁନ୍ଦରଗଡ଼ ଜିଲ୍ଲାରେ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ପାଇଁ

## ଟେବୁଲ 9: ମୁଖ୍ୟ ମାନବ ସମ୍ବଳ କ୍ଷେତ୍ର ସୂଚକ ଓ ସୁବିଧା

| ଜିଲ୍ଲା ଲୋକସଂଖ୍ୟା | ମୋଟ | ପୌରାଞ୍ଚଳ% | ଗ୍ରାମାଞ୍ଚଳ % | ଅନୁସୂଚିତ ଜାତି % | ଅନୁସୂଚିତ ଜନଜାତି % |
|---|---|---|---|---|---|
| | 2,093,437 | 35.52 | 64.74 | 9.16 | 50.75 |
| ପରିବାର ସଂଖ୍ୟା | 479,109 | 34.77 | 65.22 | – | – |
| ସାକ୍ଷରତା | 73.34 | 85 | 67 | 70.92 | 65.08 |
| ପୁଷ୍ଟିଜନିତ ସ୍ଥିତି—U5MR | – | 32 | 67 | – | – |
| ପାଇପ ଯୋଗେ ଜଳଯୋଗାଣ | – | 44.8 | 2.61 | – | – |
| ଗ୍ରାମାଞ୍ଚଳରେ ସ୍ଥିତ ପରିବାର ଯାହାଙ୍କର ସର୍ବାଧିକ ମାସିକ ଆୟ ଟ.5000ରୁ କମ୍ % | 89.8 | | | | |
| ନିଯୁକ୍ତି | ଶ୍ରମିକ % | | ଅଣ ଶ୍ରମିକ % | ଅଣଶ୍ରମିକ ୧୫-୫୯ ବର୍ଷ ମଧ୍ୟରେ % | |
| | 41.71 | | 58.29 | 42.95 | |

*ସୂତ୍ର: ଭାରତର ଜନଗଣନା – 2011, ସାମାଜିକ ଓ ଅର୍ଥନୈତିକ ଜାତିଗତ ଜନଗଣନା – 2011*

- ଅନ୍ୟ କେତେକ ପ୍ରମୁଖ କ୍ଷେତ୍ର ଯଥା- ଶିକ୍ଷା, ମହିଳା ଓ ଶିଶୁ କଲ୍ୟାଣ ଏବଂ ସଫେଇ ବ୍ୟବସ୍ଥା ନିମନ୍ତେ ମଞ୍ଜୁର ଅର୍ଥ ମୁଖ୍ୟତଃ ସାଧାରଣ ନିର୍ମାଣ କାର୍ଯ୍ୟ ନିମନ୍ତେ ଉଦ୍ଦିଷ୍ଟ ।

### ଅର୍ଥ ବିନିଯୋଗର କାର୍ଯ୍ୟକାରିତା

ଅନ୍ୟ ଖଣି ପ୍ରଧାନ ଜିଲ୍ଲା ଭଳି, ସୁନ୍ଦରଗଡ଼ରେ ମଧ୍ୟ ବିଭିନ୍ନ ମାନବ ସମ୍ବଳ ବିକାଶ ସୂଚକାଙ୍କ ଯଥ ପୁଷ୍ଟି, ସ୍ୱାସ୍ଥ୍ୟରକ୍ଷା ଓ ଗମନାଗମନ, ଆୟ ଓ ଜୀବିକା ଅତି ଅନୁନ୍ନତ ଅଟେ । ସ୍ୱଚ୍ଛ ଜଳ ଯୋଗାଣ ପରି କେତେକ ମୌଳିକ ସୁବିଧା ମଧ୍ୟ ସୀମିତ । *(ଟେବୁଲ -୯ : ମୁଖ୍ୟ ମାନବ ସମ୍ବଳ ସୂଚକ ଓ ସୁବିଧା ଦ୍ରଷ୍ଟବ୍ୟ।)* ଏହି ସବୁକୁ ବିଚାରକୁ ନେଇ ଏବଂ ଅଦ୍ୟାବଧି ମଞ୍ଜୁରୀର ଧାରା ଅନୁସାରେ ପାଣ୍ଠିର କାର୍ଯ୍ୟକାରୀତା ନେଇ ନିମ୍ନ ପ୍ରସ୍ତାବମାନ କରାଯାଇଛି ।

- ସୁନ୍ଦରଗଡ଼ ଜିଲ୍ଲାରେ ଏକ ମୁଖ୍ୟ ସମସ୍ୟା ହେଉଛି ମୁଖ୍ୟତଃ ଅଧିକ ଧ୍ୟାନ ବୃହତ ରାସ୍ତା ନିର୍ମାଣ ପ୍ରକଳ୍ପ ଭଳି ଭିତ୍ତିଭୂମି ଉପରେ ଦିଆଯାଇଛି । ଏହାଦ୍ୱାରା ଖଣି ଦ୍ୱାରା ପ୍ରଭାବିତ ଅଞ୍ଚଳର ମୁଖ୍ୟ ସମସ୍ୟା ଗୁଡ଼ିକ ଉପରେ ଗୁରୁତ୍ୱ ଦିଆଯାଇ ପାରିନାହିଁ । ଏଥିଯୋଗୁ ଯେଉଁ ଅସୁବିଧା ଦେଖା ଦେଇଛି ତାହାର ଉଦାହରଣ :-
  - ଜିଲ୍ଲାରେ ଗ୍ରାମ୍ୟାଞ୍ଚଳରେ ଟଙ୍କଗଜ ୬୭ ପ୍ରତିଶତ ଅଟେ ଏବଂ ପ୍ରାୟ ୫୦ ଭାଗ ଶିଶୁ (୫ ବର୍ଷ ବୟସରୁ ତଳକୁ)ଙ୍କ ଶରୀର ବୃଦ୍ଧି ହାର କମ୍ । ମାତ୍ର ଶିଶୁ ଉନ୍ନୟନ ଓ ପୁଷ୍ଟି ସାଧନ ନିମନ୍ତେ ମାତ୍ର ୩ କୋଟି ମଞ୍ଜୁର କରାଯାଇଛି ।
  - ସେହିଭଳି ସ୍ୱାସ୍ଥ୍ୟରକ୍ଷା କ୍ଷେତ୍ର ପ୍ରତି ମଧ୍ୟ ଅବହେଳା କରାଯାଇଛି । ମଞ୍ଜୁରୀ ହୋଇଥିବା ମାତ୍ର ଟ.୩୨.୯ କୋଟି ଟଙ୍କା ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଅତି ସ୍ୱଳ୍ପ ଅଟେ । ବାସ୍ତବରେ କେବଳ ୩୩ ପ୍ରତିଶତ ଗ୍ରାମର ୧୦ କି.ମି. ବ୍ୟାସାର୍ଦ୍ଧ ମଧ୍ୟରେ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି ଏବଂ ୫ କି.ମି. ବ୍ୟାସାର୍ଦ୍ଧ ମଧ୍ୟରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି । ଖଣିଦ୍ୱାରା ଅଧିକ ପ୍ରଭାବିତ ବ୍ଲକରେ ସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରାୟ ଦେଢ଼ଗୁଣ (୧.୫ ଗୁଣ) ଅଧିକ ଲୋକଙ୍କୁ ସେବା ପ୍ରଦାନ କରୁଛନ୍ତି । ଏହାଛଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ହସପିଟାଲ ଗୁଡ଼ିକରେ ୫୦ ପ୍ରତିଶତ ଡାକ୍ତର ନାହାନ୍ତି ଯାହା ଗୋଟିଏ ବଡ଼ ସମସ୍ୟା ଅଟେ ।
  - ଜୀବିକା ଉନ୍ନୟନ ନିମନ୍ତେ ପ୍ରାୟ ଜିଲ୍ଲାରେ କୌଣସି ଅର୍ଥ ବିନିଯୋଗ କରାଯାଇନାହିଁ (କେବଳ ଜଳସେଚନ ନିମନ୍ତେ ଟ.୧୬ କୋଟି ଖର୍ଚ୍ଚ ବ୍ୟତୀତ) । ଯାହାଦ୍ୱାରା ପୁଷ୍ଟି ଓ ସ୍ୱାସ୍ଥ୍ୟ ଉନ୍ନତ ହୋଇପାରିଥାନ୍ତା । ଏଠାରେ ସୂଚନା ଯୋଗ୍ୟ ଯେ ଅଧିକାଂଶ ଲୋକ ଦାରିଦ୍ର୍ୟ ଦ୍ୱାରା ପୀଡିତ । ଜିଲ୍ଲାର ଗ୍ରାମାଞ୍ଚଳରେ ରହିଥିବା

ଏବଂ ଖଣି ଦ୍ୱାରା ପ୍ରଭାବିତ ଅଞ୍ଚଳର ପରିବାରମାନଙ୍କର ପ୍ରାୟ ୯୦ ପ୍ରତିଶତ ଉଚ୍ଚତମ ଉପାର୍ଜନକାରୀ ବ୍ୟକ୍ତିଙ୍କର ମାସିକ ଆୟ ଟ. ୫୦୦୦ରୁ କମ ଅଟେ । ଏହା ବ୍ୟତିତ ପ୍ରାୟ ୪୩ ପ୍ରତିଶତ କାର୍ଯ୍ୟକ୍ଷମ ବ୍ୟକ୍ତି (୧୫ ରୁ ୫୯ ବୟସ ମଧ୍ୟରେ) ଅଣ ଶ୍ରମିକ ଅଟନ୍ତି ।

- ଜିଲ୍ଲାରେ କେବଳ ଜରୁରୀ କାର୍ଯ୍ୟରେ ଅର୍ଥ ବିନିଯୋଗ କମ୍ ତା ନୁହେଁ, କେତେକ ମଞ୍ଜୁର ଅର୍ଥକୁ ମ୍ୟୁନିସପାଲଟି ଅଞ୍ଚଳରେ ବ୍ୟୟ ନିମନ୍ତେ ଅଧିକ ଆଗ୍ରହ ପ୍ରଦର୍ଶନ କରାଯାଇଛି । ଉଦାହରଣ ସ୍ୱରୂପ - ସର୍ବାଧିକ ଖଣି ଦ୍ୱାରା ପ୍ରଭାବିତ କୋଇଡା ବ୍ଲକରେ ଜଳଯୋଗାଣ ପ୍ରକଳ୍ପ ନିମନ୍ତେ ମାତ୍ର ଟ.୭.୫ କୋଟି ମଞ୍ଜୁର ହୋଇଥିବା ସ୍ଥଳେ ସୁନ୍ଦରଗଡ଼ ମ୍ୟୁନିସପାଲଟି ନିମନ୍ତେ ସେହି ଉଦ୍ଦେଶ୍ୟରେ ଟ.୩୯.୦୦ କୋଟିରୁ ଅଧିକ - ଯାହାକି ପ୍ରାୟ ୬ ଗୁଣ ବ୍ୟୟ କରାଯାଇଛି । ଏଠାରେ ଜିଲ୍ଲା ସ୍ତରରେ ଯୁକ୍ତି କରାଯାଏ ଯେ ମ୍ୟୁନିସପାଲଟିଗୁଡ଼ିକରେ ଡି.ଏମ୍.ଏଫରୁ ଅଧିକ ପୁଞ୍ଜିନିବେଶ ଆବଶ୍ୟକ କାରଣ ସେଗୁଡ଼ିକ ପରୋକ୍ଷ ଭାବେ ପ୍ରଭାବିତ ଏବଂ ଖଣି ପ୍ରଭାବିତ ଅଞ୍ଚଳର ଜନ ସାଧାରଣ ସେମାନଙ୍କ ଉପରେ ନିର୍ଭରଶୀଳ ଅଟନ୍ତି । ମ୍ୟୁନିସପାଲଟି ଅଞ୍ଚଳରେ ପାନୀୟଜଳ ନିମନ୍ତେ ଅର୍ଥବ୍ୟୟ ଗ୍ରାମାଞ୍ଚଳରେ ସ୍ୱଚ୍ଛ ପିଇବା ପାଣି ନିଅଣ୍ଟିଆ ସମସ୍ୟାର ସମାଧାନକିପରି କରିପାରିବ ବୁଝିବା କଷ୍ଟକର ।

## ଅନୁଗୋଳ ଜିଲ୍ଲା

ଅନୁଗୋଳ ଜିଲ୍ଲାରେ ଡି.ଏମ୍.ଏଫ୍ ଦ୍ୱାରା ସଂଗୃହିତ ମୋଟ ଅର୍ଥ ରାଶି ଟ.୮୩୬ କୋଟି (ମାର୍ଚ୍ଚ ୨୦୧୮ ପର୍ଯ୍ୟନ୍ତ) ଓଡ଼ିଶାରେ ଦ୍ୱିତିୟ ସର୍ବାଧିକ ଅଟେ । ବାର୍ଷିକ ଅନୁମାନିକ ଅର୍ଥ ସଂଗ୍ରହ ପ୍ରାୟତଃ ଟ. ୨୫୦ କୋଟି ଅଟେ ।

ଡି.ଏମ୍.ଏଫର ମୂଖ୍ୟ ଆୟ ତାଳଚେର କୋଇଲା ଖଣିରୁ ହୋଇଥାଏ । ଜିଲ୍ଲାରେ ୧୧ ଗୋଟି କୋଇଲା ଖଣି କାର୍ଯ୍ୟକ୍ଷମ ଅଛି ଏବଂ ସେଗୁଡ଼ିକ ମହାନଦୀ କୋଲଫିଲ୍ ଲିମିଟେଡ଼ ଦ୍ୱାରା କାର୍ଯ୍ୟକାରୀ କରାଯାଉଛି-ଯାହାକି କୋଲ ଇଣ୍ଡିଆ ଲିମିଟେଡ଼ ଅଧିନସ୍ଥ ଅଟେ । ଏଥି ମଧ୍ୟରୁ ୯ ଗୋଟି ତାଳଚେର ବ୍ଲକରେ ଏବଂ କଣିହା ଏବଂ ଛେଣ୍ଡିପଦା ବ୍ଲକରେ ଗୋଟିଏ ଲେଖାଏଁ ରହିଛି । ଏହା ବ୍ୟତିତ ଜିଲ୍ଲାରେ କ୍ରୋମାଇଟ, ମାଙ୍ଗାନିଜ, ମାଇକା ଏବଂ କ୍ୱାର୍ଜ ଇତ୍ୟାଦି ଖଣିଜ ଦ୍ରବ୍ୟ ରହିଛି ।

### ଅର୍ଥ ମଞ୍ଜୁର ଧାରା

- ଅନୁଗୋଳ ଜିଲ୍ଲାର ବିଭିନ୍ନ ଉନ୍ନୟନ କାର୍ଯ୍ୟ ନିମନ୍ତେ ମୋଟ ଟ.୨୪୨ କୋଟି ମଞ୍ଜୁର କରାଯାଇଛି । *(ଟେବୁଲ – ୧୨ ବିଭିନ୍ନ କାର୍ଯ୍ୟକ୍ଷେତ୍ର ନିମନ୍ତେ ମଞ୍ଜୁର)* ଦ୍ରଷ୍ଟବ୍ୟ
- ପାନୀୟ ଜଳ ନିମନ୍ତେ ସର୍ବାଧିକ ଟ.୮୪.୩ କୋଟି ଟଙ୍କା ମଞ୍ଜୁର କରାଯାଇଛି ଯାହାର ମୂଖ୍ୟ ଅଂଶ ପାଇପ ଦ୍ୱାରା ଜଳଯୋଗାଣ ପାଇଁ ଉଦ୍ଦିଷ୍ଟ ।
- ଜିଲ୍ଲର ଶିକ୍ଷା କ୍ଷେତ୍ରରେ ନିବେଶ ଦ୍ୱୀତିୟ ମୂଖ୍ୟ କାର୍ଯ୍ୟକ୍ରମ; ତେବେ ହେଉ ଏଥିନିମନ୍ତେ ମଞ୍ଜୁର ମୋଟ ଟ.୫୪ କୋଟି ମୁଖ୍ୟତଃ ଆଦର୍ଶ ବିଦ୍ୟାଳୟ ନିର୍ମାଣ, ତାଳଚେର କଲେଜର ପୁନରୁଦ୍ଧାର, ଅତିରିକ୍ତ ଶ୍ରେଣୀଗୃହ ଇତ୍ୟାଦି ପାଇଁ ଉଦ୍ଦିଷ୍ଟ । ସାତଗୋଟି ଆଦର୍ଶ ବିଦ୍ୟାଳୟ ମଧ୍ୟରୁ ୪ ଗୋଟି ଅଣ-ଖଣିଜ ଅଞ୍ଚଳରେ ରହିଛି ଯେଉଁଥି ନିମନ୍ତେ ୧୮ କୋଟି ଟଙ୍କା ମଞ୍ଜୁର କରାଯାଇଛି ।

### ଟେବୁଲ 10: ଅନୁଗୋଳ ଜିଲ୍ଲାର ଖଣି ପ୍ରଭାବିତ ଅଞ୍ଚଳ

| ବ୍ଲକ ମୁନିସପାଲଟି | ମୋଟ ଗ୍ରାମ ପଞ୍ଚାୟତ ସଂଖ୍ୟା | ଖଣି ପ୍ରଭାବିତ ଗ୍ରାମ | |
|---|---|---|---|
| | | ପ୍ରତ୍ୟକ୍ଷ ପ୍ରଭାବିତ | ପରୋକ୍ଷ ପ୍ରଭାବିତ |
| ତାଳଚେର* | 21 | 195 | – |
| ତାଳଚେର (ମ୍ୟୁନିସିପାଲଟି) | ସମଗ୍ର ଅଞ୍ଚଳ ପ୍ରଭାବିତ ଭାବେ ଚିହ୍ନଟ | | |
| କଣିହା | 11 | 91 | 10 |
| ଛେଣ୍ଡିପଦା | 34 | 150 | 40 |

*ଘଟଣାସ୍ଥଳ: *ଜିଲ୍ଲା ଅଧିକାରୀଙ୍କ ତଥ୍ୟ ଅନୁଯାୟୀ ସମଗ୍ର ବ୍ଲକ ଖଣି ପ୍ରଭାବିତ ଅଟେ*



Srestha Banerjee / CSE

ଅନୁଗୁଳ ଜିଲ୍ଲାର ମହିଳାମାନେ ଶୁଦ୍ଧ ଇନ୍ଧନ, ଖାଦ୍ୟ କ୍ରୟ ସାମର୍ଥ୍ୟ ଇତ୍ୟାଦି ପାଇଁ ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର୍ ଦାବି କରିଛନ୍ତି, ହେଲେ ସରକାରଙ୍କ ପରୋକ୍ଷ ସବ୍‌ସିଡି ବିଶେଷ ଉପଯୋଗୀ ହୋଇପାରି ନାହିଁ ।

## ଟେବୁଲ 11: ଅନୁଗୋଳ ଜିଲ୍ଲାର ଖଣି ପ୍ରଭାବିତ ଅଞ୍ଚଳରେ ଜନସଂଖ୍ୟା

| ବ୍ଲକ / ମ୍ୟୁନିସପାଲଟି ନାମ | ଗ୍ରାମାଞ୍ଚଳ ଲୋକସଂଖ୍ୟା% | ସହରାଞ୍ଚଳ ଲୋକସଂଖ୍ୟା % | ଅନୁସୂଚିତ ଜାତି % | ଅନୁସୂଚିତ ଜନଜାତି % |
|---|---|---|---|---|
| ତାଳଚେର | 68.79 | 31.20 | 18.59 | 9.26 |
| ତାଳଚେର ମ୍ୟୁନିସିପାଲିଟି | | 100 | 18.75 | 4.16 |
| କଣିହା | 93.5 | 6.5 | 21.5 | 8.4 |
| ଛେଣ୍ଡିପଦା | 100 | | 21.5 | 10.7 |

*ସୂତ୍ର: ଭାରତର ଜନଗଣନା 2011*

## ଟେବୁଲ 12: ଅନୁଗୋଳ ଜିଲ୍ଲାର ଖଣି ପ୍ରଭାବିତ ଅଞ୍ଚଳରେ ଜନସଂଖ୍ୟା

| କାର୍ଯ୍ୟକ୍ଷେତ୍ର | ଅର୍ଥ ମଞ୍ଜୁରୀ କୋଟି ଟଙ୍କାରେ | % | ମୁଖ୍ୟ ପ୍ରକଳ୍ପ |
|---|---|---|---|
| ପାନୀୟଜଳ ଯୋଗାଣ | 84.6 | 34.6 | ପାଇପ ଯୋଗେ ଜଳ ଯୋଗାଣ ଓ ଅନ୍ୟ ସମ୍ପର୍କିତ କାର୍ଯ୍ୟ (92 ପ୍ରତିଶତ) ଅବଶିଷ୍ଟ ସୌରଶକ୍ତି ଏବଂ ଅନ୍ୟ ଜଳଯୋଗାଣ କାର୍ଯ୍ୟ |
| ଶିକ୍ଷା | 59.3 | 24.2 | ଆଦର୍ଶ ବିଦ୍ୟାଳୟ (53 ପ୍ରତିଶତ) ଅତିରିକ୍ତ ଶ୍ରେଣୀଗୃହ (21 ପ୍ରତିଶତ ତାଳଚେର କଲେଜର ପୁନରୁଦ୍ଧାର ଓ ଅନ୍ୟ କାର୍ଯ୍ୟ (୧୪ ପ୍ରତିଶତ) ସ୍କୁଲ ଗୃହ ନିର୍ମାଣ (5 ପ୍ରତିଶତ) |
| ସ୍ୱାସ୍ଥ୍ୟ ସେବା | 13.8 | 5.6 | ମୁଖ୍ୟତଃ ହସପିଟାଲର ଉନ୍ନତି କରଣ ଯଥା - ଆସବାବପତ୍ର କିଣା (36 ପ୍ରତିଶତ) ଡାକ୍ତରୀ କର୍ମଚାରୀ ନିଯୁକ୍ତି (25.4 ପ୍ରତିଶତ) ଥଣ୍ଡା ପାନୀୟ ଜଳଯୋଗାଣ (14.4 ପ୍ରତିଶତ) ଶବ ବ୍ୟବଚ୍ଛେଦ କେନ୍ଦ୍ର ଓ ଶବଗୃହ ନିର୍ମାଣ (14 ପ୍ରତିଶତ) |
| ମହିଳା, ଶିଶୁ ଓ ବୃଦ୍ଧ ବୟସ୍କଙ୍କ କଲ୍ୟାଣ | 4.2 | 1.7 | ଅଙ୍ଗନବାଡି କେନ୍ଦ୍ର ନିର୍ମାଣ |
| ଦକ୍ଷତା ବିକାଶ | 0.8 | 0.3 | କର୍ମଶାଳାର ପୁନରୁଦ୍ଧାର ଓ ଶିଳ୍ପ ତାଲିମ କେନ୍ଦ୍ର ତାଳଚେର ଗୃହ ନିର୍ମାଣ |
| ଜଳସେଚନ | 12.9 | 5.3 | ଉଠାଜଳସେଚନ, ପୋଖରୀ ଇତ୍ୟାଦି |
| ଭିତ୍ତିଭୂମି ପ୍ରତିଷ୍ଠା | 57.5 | 23.5 | ମୁଖ୍ୟତଃ ରାସ୍ତା |
| ଶକ୍ତି ଓ ଜଳ ବିଭାଜିକା | 7.5 | 3.1 | ବିଦ୍ୟୁତ ଶକ୍ତି ଯୋଗାଣ (86 ପ୍ରତିଶତ) |
| ପରିବେଶ ସୁରକ୍ଷା ଓ ପ୍ରଦୂଷଣ ନିୟନ୍ତ୍ରଣ | 1.1 | 0.4 | ସୌରାଞ୍ଚଳ ବୃକ୍ଷରୋପଣ (54 ପ୍ରତିଶତ) ବାୟୋଗ୍ୟାସ ପ୍ଲାଣ୍ଟ (46 ପ୍ରତିଶତ) |
| ସଫେଇ ବ୍ୟବସ୍ଥା | 1.7 | 0.7 | ତାଳଚେର ମ୍ୟୁନିସପାଲଟିରେ ବର୍ଜ୍ୟବସ୍ତୁ ବିଘଟନ କାର୍ଯ୍ୟକ୍ରମ |

*ସୂତ୍ର: ଡି.ଏମ୍.ଏଫ ପୋର୍ଟାଲ ଅନୁଶୀଳ*

- ଏହା ବ୍ୟତିତ ପ୍ରାୟ ଟ.୫୭ କୋଟି ରାସ୍ତା ନିର୍ମାଣ ନିମନ୍ତେ ମଞ୍ଜୁର କରାଯାଇଛି ।
- ଅନ୍ୟ ମୁଖ୍ୟ କାର୍ଯ୍ୟ ଯଥା– ସ୍ୱାସ୍ଥ୍ୟ ସେବା, ପୁଷ୍ଟି ଓ ଜୀବିକାର ଉନ୍ନତି (ଦକ୍ଷତା ବିକାଶ ଓ ଜଳସେଚନ ସହିତ) ନିମନ୍ତେ ଅତିକମ୍ ଅର୍ଥ ବରାଦ କରାଯାଇଛି ଓ ବିଶେଷ ଧ୍ୟାନ ଦିଆଯାଇନାହିଁ ।

### ଅର୍ଥ ବିନିଯୋଗର କାର୍ଯ୍ୟକାରିତା

ଅନୁଗୋଳ ଜିଲ୍ଲାର ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ଓ ବେକାରୀ ଅଧିକ ଯୋଗୁଁ ଲୋକଙ୍କ ଦୂରାବସ୍ଥା ସ୍ପଷ୍ଟଭାବେ ପରିଲକ୍ଷିତ । ଜିଲ୍ଲାରେ ମଧ୍ୟ ନିର୍ଦ୍ଦିଷ୍ଟ ଭାବେ କେତେକ ସମସ୍ୟା ରହିଛି ଯଥା ଅପପୁଷ୍ଟି ଏବଂ ସ୍ୱାସ୍ଥ୍ୟରକ୍ଷା ଏବଂ ସ୍ୱଚ୍ଛ ପାନୀୟ ଜଳଯୋଗାଣ ଭଳି ଅତ୍ୟାବଶ୍ୟକ ସୁବିଧାର ଅଭାବ । ଜିଲ୍ଲାର ଅବହେଳିତ ବର୍ଗଙ୍କ ମଧ୍ୟରେ ସାକ୍ଷରତା ହାର ମଧ୍ୟ

## ଟେବୁଲ 13: ମୂଖ୍ୟ ମାନବ ସମ୍ବଳ କ୍ଷେତ୍ର ସୂଚକ ଓ ସୁବିଧା

| ଜିଲ୍ଲା ଲୋକସଂଖ୍ୟା | ମୋଟ | ପୌରାଞ୍ଚଳ% | ଗ୍ରାମାଞ୍ଚଳ % | ଅନୁସୂଚିତ ଜାତି % | ଅନୁସୂଚିତ ଜନଜାତି % |
|---|---|---|---|---|---|
| | 1,273,821 | 16.2 | 83.8 | 18.8 | 14.0 |
| ପରିବାର ସଂଖ୍ୟା | 300,105 | 6.5 | 93.5 | – | – |
| ସାକ୍ଷରତା | 77.53 | 87 | 76 | 18.8 | 14.1 |
| ପୁଷ୍ଟିଜନିତ ସ୍ଥିତି—U5MR | – | 44 | 62 | – | – |
| ପାଇପ ଯୋଗେ ଜଳଯୋଗାଣ | – | 42.0 | 4.8 | – | – |
| ଗ୍ରାମାଞ୍ଚଳରେ ସ୍ଥିତ ପରିବାର ଯାହାଙ୍କର ସର୍ବାଧିକ ମାସିକ ଆୟ ଟ.5000ରୁ କମ୍ % | 83.8 | | | | |
| ନିଯୁକ୍ତି | ଶ୍ରମିକ % | ଅଣ ଶ୍ରମିକ % | | ଅଣଶ୍ରମିକ ୧୫-୫୯ ବର୍ଷ ମଧ୍ୟରେ % | |
| | 41.3 | 58.7 | | 43.0 | |

*ସୂତ୍ର: ଭାରତର ଜନଗଣନା – 2011, ସାମାଜିକ ଓ ଅର୍ଥନୈତିକ ଜାତିଗତ ଜନଗଣନା – 2011*

ଅପେକ୍ଷାକୃତ କମ୍ । *(ଟେବୁଲ – ୧୩ ମୁଖ୍ୟ ମାନବ ସମ୍ବଳ କ୍ଷେତ୍ର ସୂଚକ ଓ ସୁବିଧା ଦ୍ରଷ୍ଟବ୍ୟ।)* ଏହି ମୌଳିକ ବିଷୟଗୁଡ଼ିକୁ ବିଚାରକୁ ନେଇ ଏବଂ ଜିଲ୍ଲା ଡି.ଏମ୍.ଏଫ୍ ଅର୍ଥ ବିନିଯୋଗକୁ ଲକ୍ଷ୍ୟ କରି ନିମ୍ନ ପ୍ରସ୍ତାବନା କରାଯାଇଛି:

- ମୁଖ୍ୟତଃ ପାନୀୟ ଜଳ ଯୋଗାଣ ନିମନ୍ତେ ଅଧିକ ଗୁରୁତ୍ୱ ଦେଇ ଜିଲ୍ଲା ଠିକ୍ କରିଛି । ତେବେ ଏଥିରୁ ସୁଫଳ ଜଳର ଉତ୍ସ ଏବଂ ତାହାକୁ ସଠିକ ଭାବେ ଉପଚାର କରାଯାଇଛି କି ନାହିଁ ତା ଉପରେ ନିର୍ଭର କରିବ; କାରଣ ତା ଉପରେ ହିଁ ଜଳ ବ୍ୟବହାର ଯୋଗ୍ୟତା ନିର୍ଭର କରିବ ।
- ପ୍ରଭାବିତ ଅଞ୍ଚଳ ଓ ପ୍ରଭାବିତ ଲୋକଙ୍କ ଆବଶ୍ୟକତା ଦୃଷ୍ଟିରୁ ସମସ୍ୟାଗୁଡ଼ିକର ପ୍ରାଥମିକତା ନିର୍ଦ୍ଧାରଣ କରିବା ଉପରେ ନିର୍ଦ୍ଦିଷ୍ଟ ଦୃଷ୍ଟି ନାହିଁ । ଏହା ମହିଳା ଓ ଶିଶୁ ବିକାଶ କାର୍ଯ୍ୟକ୍ରମ ଓ ଜୀବିକା କାର୍ଯ୍ୟ ନିମନ୍ତେ ମଞ୍ଜୁର କାର୍ଯ୍ୟରୁ ସ୍ପଷ୍ଟ ଜଣାଯାଏ । ଉଦାହରଣ ସ୍ୱରୂପ-
    - ମହିଳା ଓ ଶିଶୁ ବିକାଶ କାର୍ଯ୍ୟକ୍ରମ ନିମନ୍ତେ ମଞ୍ଜୁର କରାଯାଇଥିବା ଟ.୪.୦୦ କୋଟି ମୁଖ୍ୟତଃ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ନିମନ୍ତେ ଉଦ୍ଦିଷ୍ଟ । ଅଥଚ ଏହି କ୍ଷେତ୍ରରେ ଉପଯୁକ୍ତ ଯୋଜନା ମାଧ୍ୟମରେ ଅତିରିକ୍ତ ବିନିଯୋଗ ଆବଶ୍ୟକ ଥିଲା; କାରଣ ଜିଲ୍ଲାର ହାରାହାରି ଟ୫ଗଜ ୫୯ ଏବଂ ଗ୍ରାମାଞ୍ଚଳରେ ତାହା ୬୨ ଅଟେ ।
    - ସେହିପରି ଲୋକଙ୍କ ଉପାର୍ଜନ ଓ ଜିବିକାର ଉନ୍ନତି ନିମନ୍ତେ ଅର୍ଥବ୍ୟୟ କ୍ଷେତ୍ରରେ ଜିଲ୍ଲା ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ଜିଲ୍ଲାର କାର୍ଯ୍ୟକ୍ଷମ (୧୫-୫୯ ବର୍ଷ) ଲୋକଙ୍କ ମଧ୍ୟରେ ୪୩ ପ୍ରତିଶତ ଅଣ ଶ୍ରମିକ ଅଟନ୍ତି । ଜିଲ୍ଲାର ଗ୍ରାମାଞ୍ଚଳରେ ମଧ୍ୟ ଦାରିଦ୍ରତା ମୂଖ୍ୟ ସମସ୍ୟା । ପ୍ରାୟ ୮୪ ପ୍ରତିଶତ ପରିବାରଙ୍କ ମୁଖ୍ୟ ଉପର୍ଜନକାରୀ ବ୍ୟକ୍ତିର ମାସିକ ଆୟ ଟ.୫୦୦୦ରୁ କମ୍ । ଏହା ସତ୍ତ୍ୱେ ଜୀବିକା ଉନ୍ନୟନ ଓ ଦକ୍ଷତା ବିକାଶ ଜରିଆରେ ଦାରିଦ୍ର୍ୟ ଦୂରିକରଣ ନିମନ୍ତେ ମାତ୍ର ଟ୦.୮ କୋଟି ମଞ୍ଜୁର କରାଯାଇଛି । ଜଳସେଚନ ନିମନ୍ତେ ମୋଟ ପାଣ୍ଠିର ୫ ପ୍ରତିଶତ ମାତ୍ର ମଞ୍ଜୁର) କରାଯାଇଛି ଯାହାକି ଆବଶ୍ୟକତା ଠାରୁ ଅତିକମ୍ ।
    - ସ୍ୱାସ୍ଥ୍ୟସେବା ଅନ୍ୟ ଏକ କ୍ଷେତ୍ର ଅଟେ, ଯେଉଁଥିରେ ଯୋଜନା ଅତି ନିକୃଷ୍ଟ ହୋଇଛି । ଜିଲ୍ଲା ହସପିଟାଲ ନିମନ୍ତେ ଟ.୧୩.୮ କୋଟି ମଞ୍ଜୁର କରାଯାଇଛି । ଏହି ଜିଲ୍ଲାରେ ପ୍ରାଥମିକ ସ୍ୱାସ୍ଥ୍ୟ ସେବା ନିମନ୍ତେ ଅଧିକ ଅର୍ଥ ବ୍ୟୟ ଓ ଗୁରୁତ୍ୱର ଆବଶ୍ୟକତା ରହିଛି । ଉଦାହରଣ ସ୍ୱରୂପ ତାଳଚେର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ତାହାର ପ୍ରକୃତ କ୍ଷମତାର ଦେଢ଼ ଗୁଣ ଲୋକଙ୍କୁ ସେବା ଯୋଗାଉଛି । ଏହା ବ୍ୟତିତ ଖଣି

ଅଞ୍ଚଳର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କର୍ମଚାରୀ ଅଭାବ ଏବଂ ଡାକ୍ତରଙ୍କ ସଂଖ୍ୟା ଆବଶ୍ୟକତା ଠାରୁ ୫୦ ପ୍ରତିଶତରୁ କମ୍ । ଏହି ହେତୁ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ଉଭୟ ପ୍ରାଥମିକ ଓ ଗୋଷ୍ଠି କେନ୍ଦ୍ରରେ ଅଧିକ ସାଧନ ଯୋଗାଇ ଦେବା ପାଇଁ ଧ୍ୟାନ ଦେବାର ଆବଶ୍ୟକତା ରହିଛି ।

- ସମସ୍ତ କ୍ଷେତ୍ରରେ ଅର୍ଥ ବିନିଯୋଗରେ ମୁଖ୍ୟତଃ ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଇଛି । ଉଦାହରଣ ସ୍ୱରୂପ ଶିକ୍ଷା କ୍ଷେତ୍ରରେ ଅର୍ଥ ବିନିଯୋଗ ମୁଖ୍ୟତଃ ନିର୍ମାଣ କାର୍ଯ୍ୟ କରାଯାଇଛି । (ଏହାର ମୁଖ୍ୟ ଅଂଶ, ଅନୁଗୋଳ ବ୍ଲକର ଅଣଖଣି ଅଞ୍ଚଳରେ ବ୍ୟୟ କରାଯାଇଛି ।) ଯଦି ଜିଲ୍ଲାରେ ଯୋଜନା ବାସ୍ତବ ଅସୁବିଧାକୁ ଲକ୍ଷ୍ୟରଖି ସୁଚିନ୍ତିତ ଭାବେ କରାଯାଇଥାଆନ୍ତା ତେବେ ଅନ୍ତତଃ ସ୍କୁଲମାନଙ୍କରେ ପାନୀୟଜଳ ଉପଲବ୍ଧତା ଉପରେ ଗୁରୁତ୍ୱ ଦିଆଯାଇ ପାରିଥାଆନ୍ତା । ଏଠାରେ ସୂଚନାଯୋଗ୍ୟ ଯେ ସ୍କୁଲ ମାନଙ୍କରେ ପାଇପ ଜଳଯୋଗାଣର ଘୋର ଅ ଭାବ ରହିଛି । ତାଳଚେର ଭଳି ଅତ୍ୟନ୍ତ ପ୍ରଦୂଷିତ ଅଞ୍ଚଳରେ ୭୫ ପ୍ରତିଶତରୁ ଅଧିକ ବିଦ୍ୟାଳୟରେ ପାଇପ ପାନୀୟଜଳ ସୁବିଧା ନାହିଁ । ଛେଣ୍ଡିପଦା ଓ କଣିହା ଭଳି ଅଞ୍ଚଳରେ ଏହା ଯଥାକ୍ରମେ ୯୮ ଓ ୯୨ ପ୍ରତିଶତ ଅଟେ ।

## ଝାରସୁଗୁଡ଼ା

ଝାରସୁଗୁଡ଼ା ଜିଲ୍ଲାରେ ଡି.ଏମ୍.ଏଫ ଅର୍ଥ ସଂଗ୍ରହ ଟ.୪୪୮ କୋଟି (ମାର୍ଚ୍ଚ – ୨୦୧୮ ପର୍ଯ୍ୟନ୍ତ) । ଏହା ମୂଖ୍ୟତଃ କୋଇଲା ଖଣିମାନଙ୍କରୁ ହୋଇଛି । ବାର୍ଷିକ ସଂଗୃହିତ ଅର୍ଥ ଆନୁମାନିକ ପ୍ରାୟ ଟ.୧୫୦ କୋଟି ହେବ ।

ମହାନଦୀ କୋଲ ଫିଲଡସ୍ ଲିମିଟେଡ୍‌ର କାର୍ଯ୍ୟକ୍ଷମ ୧୪ଟି କୋଇଲାଖଣି ରହିଛି । ଏହା କୋଲ ଇଣ୍ଡିଆର ଏକ ସହାୟକ କମ୍ପାନୀ ଅଟେ । କୋଇଲା ଖଣିକାର୍ଯ୍ୟ ମୂଖ୍ୟତଃ ଲଖନପୁର ଓ ଝାରସୁଗୁଡ଼ା ବ୍ଲକରେ କେନ୍ଦ୍ରିଭୂତ ଅଟେ । ୨୦୧୬-୧୭ ଆର୍ଥିକ ବର୍ଷରେ ଜିଲ୍ଲାରେ ମୋଟ ୪୫.୭ ମେଟ୍ରିକଟନ କୋଇଲା ଉତ୍ପାଦିତ ହୋଇଛି ।

ଲଖନପୁର ଓ ଝାରସୁଗୁଡ଼ା ବ୍ଲକ ମୁଖ୍ୟତଃ ଖଣି ପ୍ରଭାବିତ ଅଞ୍ଚଳ ଅଟେ। ଏଥିରେ ମଧ୍ୟ ବେଲପାହାଡ, ବଜରାଜ ନଗର ଓ ଝାରସୁଗୁଡ଼ା ମ୍ୟୁନିସପାଲଟି ଅଞ୍ଚଳ ସାମିଲ ରହିଛି। ଲଖନପୁର ବ୍ଲକରେ ସର୍ବାଧିକ ଖଣି ପ୍ରଭାବିତ ଗ୍ରାମ ରହିଛି। ମ୍ୟୁନିସପାଲଟି ଅଞ୍ଚଳ ମଧ୍ୟରୁ ବ୍ରଜରାଜନଗରର ତିନୋଟି ଓ୍ୱାର୍ଡ ପ୍ରତ୍ୟକ୍ଷ ପ୍ରଭାବିତ ଅଞ୍ଚଳ ଅଟେ। ଝାରସୁଗୁଡ଼ା ମ୍ୟୁନିସନାଲଟି ଅଞ୍ଚଳ ପ୍ରାୟତଃ ପରୋକ୍ଷ ପ୍ରଭାବିତ ହୋଇଥିବା ବେଳେ ବେଲପାହାଡ଼ ମ୍ୟୁନିସପାଲଟି ଅଞ୍ଚଳ ସମ୍ବନ୍ଧରେ କୌଣସି ନିର୍ଦ୍ଦିଷ୍ଟତା ନାହିଁ। *(ଟେବୁଲ – ୧୪ ଝାରସୁଗୁଡ଼ା ଜିଲ୍ଲାରେ ସ୍ଥି ଖଣି ପ୍ରଭାବିତ ଅଞ୍ଚଳ)* / ଖଣି ପ୍ରଭାବିତ ଅଞ୍ଚଳ ମଧ୍ୟରେ ମଧ୍ୟ ଆଦିବାସୀ ଜନସଂଖ୍ୟା ବହୁତ ଅଧିକ ଅଟେ। ଉଭୟ ଲଖନପୁର ଓ ଝାରସୁଗୁଡ଼ା ବ୍ଲକରେ ୩୨ ପ୍ରତିଶତରୁ ଅଧିକ ଆଦିବାସୀ ପରିବାର ବାସ କରନ୍ତି।

### ଟେବୁଲ 14: ଝାରସୁଗୁଡ଼ା ଜିଲ୍ଲାରେ ଖଣିଦ୍ୱାରା ପ୍ରଭାବିତ ଲୋକସଂଖ୍ୟା

| ବ୍ଲକର ନାମ | ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ଗ୍ରାମର ସଂଖ୍ୟା | | ପରୋକ୍ଷ ଭାବେ ପ୍ରଭାବିତ ଗ୍ରାମ / ନିକଟବର୍ତ୍ତି ଗ୍ରାମ | | ମୋଟ |
|---|---|---|---|---|---|
| | ମୁଖ୍ୟ ଖଣିଜ ଓ ଖଣିଜ ପଦାର୍ଥ | କ୍ଷୁଦ୍ର ଖଣିଜ ଓ ଖଣିଜ ପଦାର୍ଥ | ମୁଖ୍ୟ ଖଣିଜ ଓ ଖଣିଜ ପଦାର୍ଥ | କ୍ଷୁଦ୍ର ଖଣିଜ ଓ ଖଣିଜ ପଦାର୍ଥ | |
| ଲଖନପୁର | 53 | 67 | 23 | 58 | 201 |
| ଝାରସୁଗୁଡ଼ା | 19 | 19 | 4 | 0 | 42 |
| ଝାରସୁଗୁଡ଼ା ମ୍ୟୁନିସିପାଲିଟି | 0 | 1 | 3 | 0 | 4 |
| ବ୍ରଜରାଜନଗର ମ୍ୟୁନିସିପାଲିଟି | 3 | 0 | 0 | 0 | 3 |
| ମୋଟ | 75 | 87 | 30 | 58 | 250 |

*ସୂତ୍ର: ଜିଲ୍ଲା ଖଣିଜ ଦ୍ରବ୍ୟ ସଂଗଠନ ପିଏମୟୁ- ଝାରସୁଗୁଡା*

## ଅର୍ଥ ମଞ୍ଜୁରୀ ଧାରା

ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ନିମନ୍ତେ ମୋଟ ଟ୨୭୫ଙ୍କା କୋଟି ମଞ୍ଜୁର କରାଯାଇଛି । (ଟେବୁଲ – ୧୬ – ବିଭିନ୍ନ କାର୍ଯ୍ୟକ୍ଷେତ୍ର ନିମନ୍ତେ ମଞ୍ଜୁର ଦ୍ରଷ୍ଟବ୍ୟ ।)

- ୫୦ ପ୍ରତିଶତରୁ ଅଧିକ ଅର୍ଥ ପାନୀୟ ଜଳ ପ୍ରକଳ୍ପ ନିମନ୍ତେ କରାଯାଇଛି । ତେବେ ଜଳଯୋଗାଣ ନିମନ୍ତେ ମଞ୍ଜୁର ଅର୍ଥର ବୃହତ ଅଂଶ, ପ୍ରାୟ ୯୨ପ୍ରତିଶତ (ଟ.୧୨୬.୭କୋଟି) ତିନୋଟି ମ୍ୟୁନିସିପାଲଟି ଅଞ୍ଚଳର ପାନୀୟ ଜଳ ଯୋଗାଣ ନିମନ୍ତେ କରାଯାଇଛି ।
- ବିଭିନ୍ନ କ୍ଷେତ୍ର ପାଇଁ ମଞ୍ଜୁର ଅର୍ଥରୁ ସହରାଞ୍ଚଳ ଉନ୍ନୟନ ନିମନ୍ତେ ଅଧିକ ଆଗ୍ରହ ସ୍ପଷ୍ଟଭାବେ ପରିଲକ୍ଷିତ ।



Anindya Sarangi / CSE

ଖଣି ଖନନ ଯୋଗୁଁ ପ୍ରଭାବିତ ଅଞ୍ଚଳରେ ଶୁଦ୍ଧ ପାନୀୟ ଜଳର ଅଭାବ ରହିଛି । ଲୋକମାନେ ପାନୀୟ ଜଳର ଆବଶ୍ୟକତା ପୂରଣ କରିବା ପାଇଁ ଅଶୋଧିତ ଭୂତଳ ଜଳ ଉପରେ ନିର୍ଭର କରୁଛନ୍ତି ।

## ଟେବୁଲ 15: ଝାରସୁଗୁଡ଼ା ଜିଲ୍ଲାରେ ଖଣିଦ୍ୱାରା ପ୍ରଭାବିତ ଲୋକସଂଖ୍ୟା

| ବ୍ଲକ / ମୁନିସପାଲଟି ନାମ | ଗ୍ରାମାଞ୍ଚଳ ଲୋକସଂଖ୍ୟା% | ସହରାଞ୍ଚଳ ଲୋକସଂଖ୍ୟା % | ଅନୁସୂଚିତ ଜାତି % | ଅନୁସୂଚିତ ଜନଜାତି % |
|---|---|---|---|---|
| ଲଖନପୁର | 93.1 | 6.9 | 19.2 | 32.7 |
| ଝାରସୁଗୁଡ଼ା | 94.6 | 5.4 | 23.8 | 32.2 |
| ବେଲପାହଡ଼ ମ୍ୟୁନିସିପାଲିଟି | 0 | 100 | 11.9 | 22.4 |
| ବ୍ରଜରାଜନଗର ମ୍ୟୁନିସିପାଲିଟି | 0 | 100 | 18.8 | 10.9 |
| ଝାରସୁଗୁଡ଼ା ମ୍ୟୁନିସିପାଲିଟି | 0 | 100 | 14.2 | 17.3 |

*ସୂତ୍ର: ଭାରତର ଜନଗଣନା 2011*

ଉଦାହରଣ ସ୍ୱରୂପ:- ସଫେଇ କାର୍ଯ୍ୟକ୍ରମ ପାଇଁ ମଞ୍ଜୁର ଟ.୧୩.୪କୋଟି ଯନ୍ତ୍ରଚାଳିତ ସଫେଇ ଯାନ (ଟ୍ରକ) କିଣିବା ନିମନ୍ତେ ବ୍ୟୟ କରାଯାଇଛି । ସେହିଭଳି ପ୍ରାୟ ସମାନ ଅର୍ଥ (ଟ୧୩.୨କୋଟି) ବିମାନ ବନ୍ଦରକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ନିମନ୍ତେ ଉର୍ଦ୍ଦିଷ୍ଟ ।

- ପାନୀୟ ଜଳ ଓ ଜଳସେଚନ ବ୍ୟତୀତ ଅନ୍ୟ ସମସ୍ତ କ୍ଷେତ୍ର ନିମନ୍ତେ ଅର୍ଥ ମଞ୍ଜୁର ପ୍ରାୟତଃ ଯେନତେନ ହୋଇଛି ।

## ଟେବୁଲ 16: ମୁଖ୍ୟ ମାନବ ସମ୍ବଳ ବିକାଶ ସୂଚକାଙ୍କ ଓ ସୁବିଧାର ସ୍ଥିତି

| କାର୍ଯ୍ୟକ୍ଷେତ୍ର | ମଞ୍ଜୁର ଅର୍ଥ କୋଟି ଟଙ୍କାରେ | ପ୍ରତିଶତ % | ମୁଖ୍ୟ ପ୍ରକଳ୍ପ |
|---|---|---|---|
| ପାନୀୟ ଜଳଯୋଗାଣ | 137.7 | 50.2 | ତିନୋଟି ମ୍ୟୁନିସିପାଲଟି ଅଞ୍ଚଳରେ ଜଳଯୋଗାଣ (92 ପ୍ରତିଶତ) ଅନ୍ୟ କାର୍ଯ୍ୟ ମଧ୍ୟରେ ଗ୍ରାମାଞ୍ଚଳରେ ପାଇପ୍ ଯୋଗେ ଜଳଯୋଗାଣ, ନଳକୂପ ଓ ସୌରଚାଳିତ ପାନୀୟ ଜଳପ୍ରକଳ୍ପ । |
| ଜଳସେଚନ | 59.8 | 21.8 | ବୃହତ ଉଠାଜଳସେଚନ (51 ପ୍ରତିଶତ) ଅନ୍ୟ ଜଳସେଚନ (11 ପ୍ରତିଶତ) ପୋଖରୀ ଓ ଜଳକ୍ଷେତ୍ରର ଉନ୍ନତି (24.3 ପ୍ରତିଶତ) ବନ୍ଧ ବାହୁଡ଼ା ନିର୍ମାଣ (13.6 ପ୍ରତିଶତ) |
| ଶିକ୍ଷା | 23.9 | 8.7 | ଆସବାବପତ୍ର (33.8 ପ୍ରତିଶତ), ଛାତ୍ରାବାସ ନିର୍ମାଣ (15.9 ପ୍ରତିଶତ), ମିନି ଷ୍ଟାଡ଼ିୟମ ନିର୍ମାଣ (14.9 ପ୍ରତିଶତ), ସ୍ମାର୍ଟ ଶ୍ରେଣୀଗୃହ ନିର୍ମାଣ (12.9 ପ୍ରତିଶତ)<br>ସ୍କୁଲରେ ମଧ୍ୟାହ୍ନ ଭୋଜନ (16.5 ପ୍ରତିଶତ) |
| ସଫେଇ ବ୍ୟବସ୍ଥା | 13.4 | 4.9 | ସଫେଇ ନିମନ୍ତେ ଯନ୍ତ୍ରଚାଳିତ ଟ୍ରକକିଣା |
| ସ୍ୱାସ୍ଥ୍ୟ ରକ୍ଷା | 8.4 | 3.1 | ନୂତନ ଜିଲ୍ଲା ହସ୍ପିଟାଲ ନିମନ୍ତେ ବିଦ୍ୟୁତ୍ ଯୋଗାଣ (32.3 ପ୍ରତିଶତ) ବିଜ୍ଞାନାଗାର ଓ ମେଡ଼ିକାଲ ଉପକରଣ କିଣା (19.8 ପ୍ରତିଶତ) ଉପକେନ୍ଦ୍ର ଓ ପ୍ରସବ ଗୃହ ନର୍ମାଣ (19.9), ଭ୍ରାମ୍ୟମାଣ ଡ଼ାକ୍ତରୀ ୟୁନିଟ୍ (21.7 ପ୍ରତିଶତ) |
| ମହିଳା ଓ ଶିଶୁ କଲ୍ୟାଣ | 3.2 | 1.2 | ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ (25.6 ପ୍ରତିଶତ) ଅଙ୍ଗନୱାଡ଼ି କେନ୍ଦ୍ରକୁ ଅଣ୍ଡା ଯୋଗାଣ (28.6 ପ୍ରତିଶତ) ମାନସିକ ରୋଗ ଗୃହ (26.2 ପ୍ରତିଶତ) ନିଶା ନିବାରଣ କେନ୍ଦ୍ର (7.1 ପ୍ରତିଶତ) ଖୋଲା ଆଶ୍ରୟସ୍ଥଳ (7 ପ୍ରତିଶତ) |
| ବୟସ୍କ ଓ ଶାରୀରିକ ଅକ୍ଷମ ବ୍ୟକ୍ତି କଲ୍ୟାଣ | 0.9 | 0.3 | ଦିବା କେୟାର କେନ୍ଦ୍ର (25.6 ପ୍ରତିଶତ) ନିରାଶ୍ରୟ ଗୃହ (25.9 ପ୍ରତିଶଥ) ଜରାନିବାସ (24 ପ୍ରତିଶତ) ଏବଂ ଶାରୀରିକ ଅକ୍ଷମଙ୍କ ନିମନ୍ତେ ତିନି ଚକିଆ ସାଇକେଲ (18.5 ପ୍ରତିଶତ) |
| ଦକ୍ଷତା ବିକାଶ | 5.6 | 2.0 | ଦକ୍ଷତା ବିକାଶ କେନ୍ଦ୍ରରେ ଛାତ୍ରାବାସ ନିର୍ମାଣ (98.2 ପ୍ରତିଶତ) |
| ପରିବେଶ ସୁରକ୍ଷା ଓ ପ୍ରଦୂଷଣ ନିୟନ୍ତ୍ରଣ | 0.6 | 0.2 | ପାର୍କର ରକ୍ଷଣାବେକ୍ଷଣ |
| ଏକ୍ତି ଓ ଜଳ ବିଭାଜିକା | 13.2 | 4.8 | ବିମାନବନ୍ଦରକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଓ ଉପକରଣ |
| ଭିତ୍ତିଭୂମି ପ୍ରତିଷ୍ଠା | 4.5 | 1.6 | ରାସ୍ତା ଓ ପୋଲ ନିର୍ମାଣ |
| ବନୀକରଣ | 1.97 | 0.7 | ବୃକ୍ଷରୋପଣ |

*ସୂତ୍ର: ଜିଲ୍ଲା ଡ଼ି.ଏମ୍.ଏଫ୍. ପୋର୍ଟାଲ, ଝାରସୁଗୁଡ଼ା*

## ଟେବୁଲ 17: ମୁଖ୍ୟ ମାନବ ସମ୍ବଳ ବିକାଶ ସୂଚକାଙ୍କ ଓ ସୁବିଧାର ସ୍ଥିତି

<table>
<tr><th>ଜିଲ୍ଲା</th><th>ମୋଟ</th><th>ସହରା*ଳ%</th><th>ଗ୍ରାମାଞ୍ଚଳ %</th><th>ଅନୁସୂଚିତ ଜାତି %</th><th>ଅନୁସୂଚିତ ଜନଜାତି %</th></tr>
<tr><td>ଲୋକସଂଖ୍ୟା</td><td>579,505</td><td>39.9</td><td>60.1</td><td>18.1</td><td>30.5</td></tr>
<tr><td>ପରିବାର ସଂଖ୍ୟା</td><td>132,267</td><td>34.0</td><td>66.0</td><td>–</td><td>–</td></tr>
<tr><td>ସାକ୍ଷରତା</td><td>78.9</td><td>84</td><td>76</td><td>74.8</td><td>68.7</td></tr>
<tr><td>ପୁଷ୍ଟିଜନିତ ସ୍ଥିତି<br>U5MR</td><td>–</td><td>41</td><td>53</td><td>–</td><td>–</td></tr>
<tr><td>ପାଇପ ଯୋଗେ ଜଳଯୋଗାଣ</td><td>–</td><td>30.5</td><td>4.1</td><td>–</td><td>–</td></tr>
<tr><td>ଗ୍ରାମାଞ୍ଚଳରେ ସ୍ଥିତ ପରିବାର ଯାହାଙ୍କର ସର୍ବାଧିକ ମାସିକ ଆୟ ଟ.5000ରୁ କମ୍ %</td><td colspan="5">85.5</td></tr>
<tr><td rowspan="2">ନିଯୁକ୍ତି</td><td colspan="2">ଶ୍ରମିକ %</td><td colspan="2">ଅଣ ଶ୍ରମିକ %</td><td>ଅଣଶ୍ରମିକ 15-59 ବର୍ଷ ମଧ୍ୟରେ %</td></tr>
<tr><td colspan="2">42.7</td><td colspan="2">57.3</td><td>45.9</td></tr>
</table>

*ସୂତ୍ର: ଭାରତର ଜନଗଣନା – 2011, ସାମାଜିକ ଓ ଅର୍ଥନୈତିକ ଜାତିଗତ ଜନଗଣନା – 2011*

## ଅର୍ଥ ବିନିଯୋଗର କାର୍ଯ୍ୟକାରିତା

ଝାରସୁଗୁଡ଼ା ଜିଲ୍ଲାର ଗ୍ରାମାଞ୍ଚଳ ବିଶେଷ ଭାବେ ଖଣି ପ୍ରଭାବିତ ଅଞ୍ଚଳର ମାନବ ସମ୍ବଳ ବିକାଶ ସୂଚକାଙ୍କ ଅତି ନିକୃଷ୍ଟ । ଯେପରିକି U5MR ସୂଚନାଙ୍କ ଅତି ଅଧିକ ଏବଂ ନିଯୁକ୍ତି ଓ ଆୟ ଅତି କମ୍ ଅଟେ । *(ଟେବୁଲ-୧୭ ମୁଖ୍ୟ ମାନବ ସମ୍ବଳ ବିକାଶ ସୂଚକାଙ୍କ ଓ ସୁବିଧାର ସ୍ଥିତି ଦ୍ରଷ୍ଟବ୍ୟ।)* ଜିଲ୍ଲାରେ ପାନୀୟ ଜଳ ଓ ସ୍ୱାସ୍ଥ୍ୟରକ୍ଷା ଭଳି ସାଧାରଣ ସୁବିଧା ଆବଶ୍ୟକତା ମଧ୍ୟ ଅତି ନ୍ୟୁନ୍ । ଏହିସବୁ ବିଋରକୁ ନେଇ  ଏବଂ ଅର୍ଥ ମଞ୍ଜୁରୀର ଧାରାକୁ ଲକ୍ଷ୍ୟରେ ରଖି ନିମ୍ନଲିଖିତ ପ୍ରସ୍ତାବନା କରାଯାଇଛି:

- ଜିଲ୍ଲାରେ ଅର୍ଥ ବିନିଯୋଗକୁ ସମୀକ୍ଷା କଲେ ସ୍ପଷ୍ଟ ଜଣାଯାଏ ଯେ ସେଥିପାଇଁ କୌଣସି ନିର୍ଦ୍ଦିଷ୍ଟ ଯୋଜନା ନାହିଁ ଓ  ପ୍ରଭାବିତ ଅ*ଳ ଏବଂ ଲୋକଙ୍କ ସମସ୍ୟାଗୁଡ଼ିକର ପ୍ରାଥମିକତା ନିର୍ଦ୍ଧାରଣ ନିମନ୍ତେ କୌଣସି ଦୃଷ୍ଟି ଦିଆଯାଉ ନାହିଁ ।
  - କେବଳ ସହରାଞ୍ଚଳରେ ଅର୍ଥ ବିନିଯୋଗ ପ୍ରତି ଅଧିକ ଦୃଷ୍ଟି ଦିଆଯାଉଥିବା କାର୍ଯ୍ୟକ୍ଷେତ୍ରରେ ସ୍ପଷ୍ଟ ଜଣାଯାଉଛି । ଯେପରିକି- ସର୍ବାଧିକ ଖଣି ପ୍ରଭାବିତ ଲଖନ୍‌ପୁର ବ୍ଲକ୍‌ରେ ମାତ୍ର ତିନି ପ୍ରତିଶତ ପରିବାରଙ୍କ ପାଇଁ ଉତ୍ତମ ପାନୀୟଜଳ ବ୍ୟବସ୍ଥା କରାଯାଇ ପାରିଛି । ଜିଲ୍ଲାରେ ପାନୀୟ ଜଳ ନିମନ୍ତେ ଖର୍ଚ୍ଚ କରାଯାଇଥିବା ଅର୍ଥର ୯୨ପ୍ରତିଶତ କେବଳ ତିନୋଟି ମ୍ୟୁନିସିପାଲଟି ଅଞ୍ଚଳରେ ବିନିଯୋଗ ହୋଇଛି । (୧୩୭କୋଟି ଟଙ୍କା)
  - ଜିଲ୍ଲାରେ ବିମାନ ବନ୍ଦରକୁ ବିଦ୍ୟୁତ୍ ଯୋଗାଣ ନିମନ୍ତେ ମଞ୍ଜୁର କରାଯାଇଥିବା ଟ୧୩.୨କୋଟି ଏକ ଅବାସ୍ତବ ଦୃଷ୍ଟି ନିବେଶର ଉଦାହରଣ । ଜିଲ୍ଲାରେ ପୁଷ୍ଟି ଓ ମହିଳା ଓ ଶିଶୁ ବିକାଶ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ନିମନ୍ତେ ମଞ୍ଜୁର ଅର୍ଥର ଏହା ପ୍ରାୟ ୪ଗୁଣ ଅଟେ । ଏହି ଦୁଇଟି କ୍ଷେତ୍ରରେ ଅଧିକ ଅର୍ଥ ଉପଯୋଗ ଅତି ଜରୁରୀ ମନେହୁଏ କାରଣ ଝାରସୁଗୁଡ଼ା ଜିଲ୍ଲାର U5MR ଅଦ୍ୟାବଧି ୫୩ ଏବଂ ପାଞ୍ଚ ବର୍ଷରୁ କମ୍ ବୟସ ଶିଶୁଙ୍କ ମଧରେ ୩୮ପ୍ରତିଶତ ଶିଶୁଙ୍କ ଶରୀର ବୃଦ୍ଧି ଅତି ନିମ୍ନମାନର ।
- ଜିଲ୍ଲାରେ ଗରିବ ଶ୍ରେଣୀ ଲୋକଙ୍କ ନିଯୁକ୍ତି ସୁଯୋଗ ସୃଷ୍ଟି ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ଅଣଦେଖା କରାଯାଇଛି । ଦକ୍ଷତା ବିକାଶ କ୍ଷେତ୍ର ନିମନ୍ତେ ମଞ୍ଜୁରୀ ମାତ୍ର ଟ.୫.୬ କୋଟି, କେବଳ ନିର୍ମାଣ କାର୍ଯ୍ୟ ନିମନ୍ତେ ଉର୍ଦ୍ଦିଷ୍ଟ । ଏଠାରେ ଜନସଂଖ୍ୟାରେ ଅଣ ଶ୍ରମିକମାନଙ୍କ ବହୁଳତା ଏବଂ ଗ୍ରାମାଞ୍ଚଳ ପରିବାରମାନଙ୍କର ସ୍ୱଳ୍ପ ଆୟ ପ୍ରତି ବିଶେଷ ଧ୍ୟାନ ଦିଆଯାଇ ନାହିଁ । ନ୍ୟୁନତମ ଆୟ ସତ୍ତ୍ୱେ କୌଣସି ଧ୍ୟାନ ଦିଆଯାଇ ନାହିଁ ।

## କେତେକ ପରାମର୍ଶ

ଓଡ଼ିଶାରେ ଡି.ଏମ୍.ଏଫ୍ ଗୁଡ଼ିକ ଉତ୍ତରଦାୟୀ ଏବଂ ସ୍ୱଚ୍ଛ ଅନୁଷ୍ଠାନ ରୂପେ କାର୍ଯ୍ୟ କରିବାରେ ସହାୟକ ହେଲା ପରି କେତେକ ପରାମର୍ଶ ଏଠାରେ ଦେବା ଉଚିତ୍ ହେବ। ଏହାଦ୍ୱାରା ଡି.ଏମ୍.ଏଫ୍ ପାଣ୍ଠିର ସର୍ବୋତ୍ତମ ବିନିଯୋଗ ହୋଇପାରିବ। ଏହାର ନିର୍ଦ୍ଧାରିତ ଲକ୍ଷ୍ୟ ପୂରଣ ମଧ୍ୟ ସୁନିଶ୍ଚିତ ହେବ।

**ଜିଲ୍ଲାମାନଙ୍କର ଡି.ଏମ୍.ଏଫ୍ ହିତାଧିକାରୀ ଚିହ୍ନଟ ହେବା ଉଚିତ୍:** ହିତାଧିକାରୀ ଚିହ୍ନଟ ନ ହୋଇ କୌଣସି ଡି.ଏମ୍.ଏଫ୍ କାର୍ଯ୍ୟ କରିବ ନାହିଁ। ହିତାଧିକାରୀ ଚିହ୍ନଟ ଦ୍ୱାରା ମହିଳା ଏବଂ ଶିଶୁମାନଙ୍କର ବିକାଶରେ ଥିବା ସମସ୍ୟାର ସମାଧାନ ଭଳି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ ପାଇଁ ପାଣ୍ଠି ବିନିଯୋଗ ମଧ୍ୟ କରାଯାଇ ପାରିବ।

**ଡି.ଏମ୍.ଏଫ୍ ପରିଚାଳନାରେ ପ୍ରଭାବିତ ଲୋକେ ସାମିଲ ହେବା ଉଚିତ:** ଖଣି ପ୍ରଭାବିତ ଅଞ୍ଚଳରେ ଡି.ଏମ୍.ଏଫ୍ ପରିଚାଳନାରେ ଗ୍ରାମସଭାର (ଅଥବା ୱାର୍ଡ଼ ସଭ୍ୟ ଯେଉଁଠାରେ ପ୍ରଜୁଜ୍ୟ) ଉପଯୁକ୍ତ ପ୍ରତିନିଧିତ୍ୱ ରହିବା ଉଚିତ୍। ଯଦି ଏହା ଉପଯୁକ୍ତ ଭାବେ ପାଳନ କରାନଯାଏ ତେବେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ତଥା ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର କଲ୍ୟାଣ ଯୋଜନାର ବିଚାରଧାରାର ଉଲ୍ଲଙ୍ଘନ ହେବ।

ସମସ୍ତ ରାଜ୍ୟର ଡି.ଏମ୍.ଏଫ୍ ନିୟମ ଏବଂ ପିଏମ୍କେକେକେୱାଇ ରେ ନିର୍ଦ୍ଦିଷ୍ଟ ଭାବେ ଡି.ଏମ୍.ଏଫ୍ ହିତାଧିକାରୀ ଚିହ୍ନଟ, ଡି.ଏମ୍.ଏଫ୍ କାର୍ଯ୍ୟକ୍ରମ ଗୁଡ଼ିକର ଚୟନ ଏବଂ ସମୀକ୍ଷା ଇତ୍ୟାଦିରେ ଗ୍ରାମସଭାର କ୍ଷମତା ଏବଂ ଦାୟୀତ୍ୱ ସ୍ପଷ୍ଟଭାବେ ସ୍ଥିରିକୃତ ହୋଇଛି। ବିଶେଷ କରି ଅନୁସୂଚିତ ଅଞ୍ଚଳମାନଙ୍କ ପାଇଁ ଏହା ପେସା (୧୯୯୬) ନିୟମର ଧାରା ୪ (ଙ)ରେ ନିର୍ଦ୍ଦିଷ୍ଟ ଭାବେ ବର୍ଣ୍ଣିତ ହୋଇଛି।

ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଗୁଡ଼ିକର ନିଷ୍ପତ୍ତି ନେଉଥିବା ଅଙ୍ଗ ଯଥା ପରିଚାଳନା ପରିଷଦରେ ପ୍ରତିନିଧିତ୍ୱ ରହିଲେହିଁ ଗ୍ରାମସଭାର କ୍ଷମତା ଓ ଦାୟୀତ୍ୱ ଉପଯୁକ୍ତ ଭାବେ ପ୍ରୟୋଗ କରାଯାଇ ପାରିବ। ବର୍ତ୍ତମାନ ସମସ୍ତ ରାଜ୍ୟରେ ଡି.ଏମ୍.ଏଫ୍ ଟ୍ରଷ୍ଟମାନଙ୍କରେ ଏହି ପ୍ରତିନିଧିତ୍ୱର ଅଭାବ ରହିଛି। ଏହା ମଧ୍ୟ ଆଇନ୍ ଓ ଆଇନକୁ କାର୍ଯ୍ୟକାରୀ କରିବାର ବ୍ୟବସ୍ଥା ମଧ୍ୟରେ ଥିବା ବ୍ୟବଧାନକୁ ସୂଚାଉଛି।

ବସ୍ତୁତଃ ଭାରତୀୟ ସମ୍ବିଧାନର ଧାରା ୨୪୪ (୧)ରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର କଲ୍ୟାଣ ଓ ପ୍ରଗତିରେ ଆଦିବାସୀ ସଂପ୍ରଦାୟର ପ୍ରତିନିଧିତ୍ୱ ନିଶ୍ଚିତ କରିବା ଉଲ୍ଲେଖ ରହିଛି। ଏହି ପ୍ରାବଧାନ ଡି.ଏମ୍.ଏଫ୍ ଗୁଡ଼ିକର ପରିଚାଳନା ପାଇଁ ବିଶେଷ କରି ସମ୍ବିଧାନର ପଞ୍ଚମ ଅନୁସୂଚୀଭୁକ୍ତ ଅଞ୍ଚଳଗୁଡ଼ିକର ଥିବା ଡି.ଏମ୍.ଏଫ୍ ଗୁଡ଼ିକ ପାଇଁ ଏକାନ୍ତ ରୂପେ ପ୍ରଜୁଜ୍ୟ। ଏଣୁ ଡି.ଏମ୍.ଏଫ୍ ଗୁଡ଼ିକରେ ଏହି ଲୋକମାନଙ୍କର ପ୍ରତିନିଧିତ୍ୱ ଏକାନ୍ତ ଆବଶ୍ୟକ। ଏହା ନିଶ୍ଚିତ କରିବା ପାଇଁ ରାଜ୍ୟର ରାଜ୍ୟପାଳ ଆବଶ୍ୟକୀୟ ନିର୍ଦ୍ଦେଶ ଦେଇ ପାରିବେ।

ଗ୍ରାମସଭା ତାଙ୍କର କ୍ଷମତା ଓ ଦାୟିତ୍ୱ ତୁଲାଇବାକୁ ସକ୍ଷମ ହେବା ନିମନ୍ତେ ପେସା ଆଇନ୍ ପରିଚ୍ଛେଦ ୪(ମ)ରେ ବ୍ୟବସ୍ଥା ରହିଛି। ପରିଚ୍ଛେଦ ୪(ଞ) (ଢ଼ସ) ଏବଂ (ଢ଼ସସ)ରେ ସମସ୍ତ ସାମାଜିକ କ୍ଷେତ୍ରରେ ଅନୁଷ୍ଠାନ ଏବଂ କର୍ମଚାରୀମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ଅନୁସୂଚିତ ଅଞ୍ଚଳମାନଙ୍କରେ ଗ୍ରାମସଭାଗୁଡ଼ିକର କ୍ଷମତା ରହିଛି। ସେହି ଅଞ୍ଚଳମାନଙ୍କରେ କାର୍ଯ୍ୟକାରୀ ହେଉଥିବା ଯୋଜନା ଉପରେ ଏବଂ ଏଥିରେ ବିନିଯୋଗ ହେଉଥିବା ସମ୍ବଳ ଉପରେ ନିୟନ୍ତ୍ରଣ ରଖିବାର କ୍ଷମତା ମଧ୍ୟ ତାଙ୍କର ରହିଛି।

ତେଣୁ ଡି.ଏମ୍.ଏଫ୍‌ର ପରିଚଳନା ପରିଷଦର ରୂପରେଖରେ ନିମ୍ନପ୍ରକାର ପରିବର୍ତ୍ତନ ହେବା ଆବଶ୍ୟକ।

୧- ପେସାର ପରିଚ୍ଛେଦ ୪(ମ) ଏବଂ ଏଥିସହିତ ୪(୧)କୁ ବିଚାରକୁ ନେଇ ପରିଚାଳନା ପରିଷଦରେ ଖଣି ପ୍ରଭାବିତ ଅଞ୍ଚଳରୁ ଗ୍ରାମସଭାର ପ୍ରତିନିଧିତ୍ୱ ଆବଶ୍ୟକ। ଖଣି ପ୍ରଭାବିତ ସହରାଞ୍ଚଳରୁ ୱାର୍ଡ଼ମେମ୍ବରମାନଙ୍କର ପ୍ରତିନିଧିତ୍ୱ ଉପଯୁକ୍ତ ହେବ।

୨- ଜିଲ୍ଲାର ପ୍ରତ୍ୟକ୍ଷ ରୂପେ ପ୍ରଭାବିତ ଗ୍ରାମରୁ ସମାନୁପାତରେ ଗ୍ରାମସଭା ପ୍ରତିନିଧିତ୍ୱ ରହିବା ଉଚିତ୍।

ଏଠାରେ ସୂଚନା ଯୋଗ୍ୟ ଯେ ଡି.ଏମ୍.ଏଫ୍‌ରେ ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକର ନିର୍ବାଚିତ ପ୍ରତିନିଧିଙ୍କର ଅଂଶଗ୍ରହଣ ଯଥେଷ୍ଟ ନୁହେଁ। ଏଠାରେ ଦୁଇଟି କଥା ବିଚାର ଯୋଗ୍ୟ ଅଟେ। ପ୍ରଥମତଃ ପଞ୍ଚାୟତରାଜ ପ୍ରତିନିଧିଙ୍କ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ କ୍ଷମତା ରାଜନୀତି ଥାଏ ଏବଂ ଦ୍ୱିତୀୟତଃ ଆଦିବାସୀ ଅଞ୍ଚଳରେ ଗ୍ରାମସଭା ପ୍ରାୟତଃ ପାରମ୍ପରିକ ନେତାମାନେ (ଯେପରି ମୁଣ୍ଡା) ମୁଖିଆ ଥାଆନ୍ତି ଯଦିଓ ସେମାନେ ପଞ୍ଚାୟତିରାଜର ନିର୍ବାଚିତ ସଭ୍ୟ ନୁହଁନ୍ତି।

ଡି.ଏମ୍.ଏଫ୍ ଟ୍ରଷ୍ଟର ଅଭିପ୍ରେତ ସ୍ୱାୟତ୍ତତା ବଜାୟ ରହିବା ଆବଶ୍ୟକ। ଏମ୍ଏମ୍ଡିଆର୍ ସଂଶୋଧନ ନିୟମ (୨୦୧୫) ରେ ଅଭିପ୍ରେତ ଡି.ଏମ୍.ଏଫ୍ ଟ୍ରଷ୍ଟର ସ୍ୱାୟତ୍ତତା ଏବଂ ଏହି ଆଇନ୍‌ର ବିଚାରଧାରା ଅକ୍ଷୁର୍ଣ୍ଣ ରହିବା ଉଚିତ୍। ସ୍ୱାଧିନ ଭାବେ

ନିଷ୍ପତ୍ତି ନେବା କ୍ଷେତ୍ରରେ ତାହା ଅଧିକ କ୍ଷମତା ସମ୍ପନ୍ନ ଅନୁଷ୍ଠାନ ବା ପ୍ରାଧିକାରୀମାନଙ୍କ ଦ୍ୱାରା କ୍ଷୁର୍ଣ୍ଣ ହେବା ଉଚିତ୍ ନୁହେଁ। ତେବେ ଡି.ଏମ୍.ଏଫ୍ ପାଣ୍ଠିର ବିଶାଳ ସମ୍ଭାବନା ଦୃଷ୍ଟିରୁ କେନ୍ଦ୍ର ଏବଂ ରାଜ୍ୟ ସରକାରମାନେ ଏହାର ସଦୁପଯୋଗ ପାଇଁ ଏବଂ ଡି.ଏମ୍.ଏଫ୍ ଗୁଡ଼ିକର ସୁପରିଚାଳନା ନିମନ୍ତେ ଆବଶ୍ୟକ ମାର୍ଗଦର୍ଶନ ଦେବା ଉଚିତ୍ ହେବ। ଏଗୁଡ଼ିକର ସଫଳ କାର୍ଯ୍ୟକାରିତା ଓ ତାହାର ପର୍ଯ୍ୟବେକ୍ଷଣରେ ରାଜ୍ୟ ସରକାରଙ୍କର ନିର୍ଦ୍ଦିଷ୍ଟ ଭୂମିକା ରହିବ।

ସମସ୍ତ ଡି.ଏମ୍.ଏଫ୍‌ର ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟାଳୟ ରହିବା ଉଚିତ୍

ଡି.ଏମ୍.ଏଫ୍ କାର୍ଯ୍ୟର ସମନ୍ୱୟ, ଯୋଜନା, ପର୍ଯ୍ୟାଲୋଚନା, ଅର୍ଥର ହିସାବ, ଜନସାଧାରଣଙ୍କ ଅବଗତି ନିମନ୍ତେ ତଥ୍ୟ ପ୍ରଦାନ ଇତ୍ୟାଦି ନିମନ୍ତେ ପ୍ରତ୍ୟେକ ଜିଲ୍ଲାରେ ନିର୍ଦ୍ଦିଷ୍ଟ କାର୍ଯ୍ୟାଳୟ ରହିବା ଉଚିତ୍। କାର୍ଯ୍ୟର ସୁପରିଚାଳନା ପାଇଁ ନିମ୍ନଲିଖିତ ବିଷୟକୁ ବିଚାରକୁ ନେଇ ଉଭୟ ଅଧିକାରୀ ଏବଂ ବିଶେଷଜ୍ଞଙ୍କୁ ନିଯୁକ୍ତି ଦିଆଯିବା ଆବଶ୍ୟକ।

(i) ଡି.ଏମ୍.ଏଫ୍ ନିୟମ ଅନୁଯାୟୀ କେତେକ ବିଷୟର ଅଧିକ ଗୁରୁତ୍ୱ ଦୃଷ୍ଟିରୁ ଅଭିଜ୍ଞ ଓ ପେଶାଦାର ବ୍ୟକ୍ତିଙ୍କ ନିଯୁକ୍ତି ଆବଶ୍ୟକ। ପୂରା ସମୟ ପାଇଁ ଦକ୍ଷ ବ୍ୟକ୍ତି ନ ମିଳିଲେ ନିର୍ଦ୍ଦିଷ୍ଟ ବିଷୟରେ ଯଥେଷ୍ଟ ଅଭିଜ୍ଞତା ଥିବା ବ୍ୟକ୍ତିଙ୍କୁ ଚୁକ୍ତିଭିତ୍ତିକ ନିଯୁକ୍ତି ଦିଆଯାଇପାରିବ।

(ii) ଡି.ଏମ୍.ଏଫ୍ ହିତାଧିକାରୀ ଚୟନ ଓ ଖଣି ପ୍ରଭାବିତ ଅଞ୍ଚଳ ଚିହ୍ନଟ ମ୍ୟାପ୍ କରିବା ପାଇଁ ତଥା ଜିଲ୍ଲାର ବିଭିନ୍ନ ବିଭାଗ ଏବଂ ଏଜେନ୍ସି ମଧ୍ୟରେ ସମନ୍ୱୟ ରକ୍ଷାକରି ଡି.ଏମ୍.ଏଫ୍ ଯୋଜନା ଓ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ କରିବା ଓ ବାର୍ଷିକ ବିବରଣୀ ପ୍ରସ୍ତୁତି ଇତ୍ୟାଦି କରିବା ଦକ୍ଷତା ଥିବା କର୍ମଚାରୀ ନିଯୁକ୍ତି ହେବା ଦରକାର।

(iii) ଡି.ଏମ୍.ଏଫ୍‌ର ଆୟ ବ୍ୟୟର ହିସାବ ଓ ରେକର୍ଡ଼ ରଖିବା ନିମନ୍ତେ କର୍ମଚାରୀ ଓ ହିସାବରକ୍ଷକ ନିଯୁକ୍ତ ହେବା ଦରକାର।

(iv) ଡି.ଏମ୍.ଏଫ୍ ଟ୍ରଷ୍ଟର କାର୍ଯ୍ୟକଳାପ ସମ୍ବନ୍ଧୀୟ ଅଭିଯୋଗ ପ୍ରତି ଧ୍ୟାନ ଦେବା ନିମନ୍ତେ ଉତ୍ସର୍ଗୀକୃତ କର୍ମଚାରୀ ଥିବେ। ଡି.ଏମ୍.ଏଫ୍ କାର୍ଯ୍ୟରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ଆଣିବା ପାଇଁ ୱେବ୍ ଆଧାରିତ ଅଭିଯୋଗ ଓ ପ୍ରତ୍ୟୁତ୍ତର ରେଜିଷ୍ଟ୍ରେସନ ପଦ୍ଧତି ପ୍ରଚଳନ କରିବା ଉଦ୍ଦେଶ୍ୟରେ ଉପଯୁକ୍ତ କର୍ମଚାରୀ ରଖାଯିବ।

(v) ଡି.ଏମ୍.ଏଫ୍‌କୁ ବୈଷୟିକ ଓ ପରିଚାଳନାଗତ ସହାୟତା ନିମନ୍ତେ ଅନ୍ୟାନ୍ୟ ଆବଶ୍ୟକ କର୍ମଚାରୀ ରହିବେ।

ଡି.ଏମ୍.ଏଫ୍ ଅର୍ଥର ବିନିଯୋଗକୁ ଫଳପ୍ରସୁ କରିବା ନିମନ୍ତେ ଶୃଙ୍ଖଳିତ ଓ ତଳରୁ ଉପରକୁ ଗତିଶୀଳ ପଦ୍ଧତି ଉପରେ ପର୍ଯ୍ୟବେସିତ ଯୋଜନା କରାଯିବା ଆବଶ୍ୟକ:- ଖଣି ଦ୍ୱାରା ପ୍ରଭାବିତ ଅଞ୍ଚଳ ଓ ଲୋକମାନଙ୍କର ତତ୍କାଳ ଓ ଦୀର୍ଘକାଳୀନ ଉନ୍ନତି ନିମନ୍ତେ ଉପଯୁକ୍ତ ଯୋଜନା ପ୍ରଣୟନ ଡି.ଏମ୍.ଏଫ୍ ଟ୍ରଷ୍ଟମାନଙ୍କର ଜରୁରୀ କାର୍ଯ୍ୟ। ଏହା ଦ୍ୱାରା ଅନାବଶ୍ୟକ ଏବଂ କାମଚଳା ଢଙ୍ଗରେ ହେଉଥିବା ଖର୍ଚ୍ଚ ନିୟନ୍ତ୍ରିତ ହୋଇପାରିବ ଏବଂ ବ୍ୟକ୍ତିଗତ ସ୍ୱାର୍ଥ ଜନିତ ଅସଙ୍ଗତି ବନ୍ଦ କରାଯାଇପାରିବ। ଡି.ଏମ୍.ଏଫ୍ ଯୋଜନା ପ୍ରଣୟନରେ ନିମ୍ନଲିଖିତ ବିଚାରଧାରାମାନଙ୍କୁ ପ୍ରାଧାନ୍ୟ ଦିଆଯାଇ ପାରେ:

- ଡି.ଏମ୍.ଏଫ୍ ଟ୍ରଷ୍ଟଗୁଡ଼ିକ ତତ୍କାଳ ଏବଂ ଦୀର୍ଘକାଳୀନ ଆବଶ୍ୟକତାର ଭରଣା ପାଇଁ ପାଣ୍ଠି ବିନିଯୋଗ ନିମନ୍ତେ ବାର୍ଷିକ ଓ ପରିପ୍ରେକ୍ଷୀ ଯୋଜନା ପ୍ରସ୍ତୁତ କରିବା ଉଚିତ୍।
- ଲକ୍ଷ୍ୟ ହାସଲ ଏବଂ ଫଳପ୍ରସୁତାର ବିଚାର ଆଧାରରେ ସ୍ୱଳ୍ପମିଆଦି (ଏକରୁ ତିନି ବର୍ଷ) ଏବଂ ମଧ୍ୟମ ମିଆଦି ଯୋଜନା (ତିନିରୁ ପାଞ୍ଚ ବର୍ଷ) ପ୍ରଣୟନ କରାଯିବା ଆବଶ୍ୟ୍।
- ଯୋଜନାର ଲକ୍ଷ୍ୟଗୁଡ଼ିକ ସମୟ ବଦ୍ଧ ହେବା ଆବଶ୍ୟକ ଏବଂ ଏଗୁଡ଼ିକ ପରିମେୟ ଅର୍ଥାତ୍ ଭୌତିକ ପରିମାଣ ହିସାବରେ ନିର୍ଦ୍ଧାରଣ କରାଯାଇ ପାରିବ ଯଦ୍ୱାରା ସମୟାନୁଯାୟୀ ଏହାର ନିରୀକ୍ଷଣ ସମ୍ଭବ ହେବ।
- ଯୋଜନାର ସୁଫଳ ଗୁଡ଼ିକ ଗୁଣାତ୍ମକ ଉନ୍ନତି ଉପରେ ଆଧାରିତ ହୋଇଥିବ ଏବଂ ସମୟାନୁକ୍ରମେ ଏହି ଉନ୍ନତି ହାସଲ ହୋଇ ଭବିଷ୍ୟତରେ କାଏମ ରହିବ।
- ପାଣ୍ଠିର ବିନିଯୋଗ ଫଳପ୍ରସୁ ହେବା ପାଇଁ ଏବଂ ପ୍ରଭାବିତ ଲୋକଙ୍କର ହିତ ପାଇଁ ଲହାକେଉଁ କ୍ଷେତ୍ରରେ ଖର୍ଚ୍ଚ ହେବ ତାହାର ପ୍ରାଥମିକତା ନିର୍ଦ୍ଧ ହେବା ଦରକାର। ଏହି ପ୍ରାଥମିକତା ନିର୍ଦ୍ଧାରଣ ନିମ୍ନ ପ୍ରକାରେ ହେବ:
- ଏଥି ପାଇଁ ମୁଖ୍ୟ ସାମାଜିକ, ଅର୍ଥନୈତିକ ଏବଂ ମାନବିକ ବିକାଶ ତଥା ପରିବେଶ ସମ୍ବନ୍ଧୀୟ ସୂଚକାଙ୍କ ଗୁଡ଼ିକର

ବିଶ୍ଳେଷଣ କରାଯାଇ ଉପସ୍ଥିତ ପରିସ୍ଥିତିରେ ଥିବା ଅନଗ୍ରସରତା ନିର୍ଦ୍ଧାରଣ କରିବା ଆବଶ୍ୟକ।

- ଖଣି ପ୍ରଭାବିତ ଅଞ୍ଚଳରେ ରହୁଥିବା ଗୋଷ୍ଠୀମାନଙ୍କ ଯୋଗଦାନ ଜରିଆରେ ମୂଲ୍ୟାଙ୍କନ ପ୍ରକ୍ରିୟା ଦ୍ୱାରା ମଧ୍ୟ ଏହା କରାଯିବା ଆବଶ୍ୟକ। ଏହି ପ୍ରକ୍ରିୟାରେ ଗ୍ରାମସଭା ଓ ୱାର୍ଡ଼ ମେମ୍ବରମାନେ ସଂପୃକ୍ତ ହେବେ। ଏହି ପ୍ରକ୍ରିୟାରେ ଅନ୍ୟ ଭାଗିଦାରମାନେ ଯଥା- ସ୍ୱେଚ୍ଛାସେବୀ ସଂଗଠକ, ସଭ୍ୟସମାଜ ସଂଗଠନ, ଏବଂ ଅଗ୍ରଗାମୀ କାର୍ଯ୍ୟକର୍ତ୍ତାମାନେ ମଧ୍ୟ ସଂଶ୍ଳିଷ୍ଟ ହେବେ।
    - ଡି.ଏମ୍.ଏଫ୍‌ର ଅର୍ଥ ବିନିଯୋଗରେ ମୁଖ୍ୟତଃ ଅଧିକ ପ୍ରାଥମିକତା ଥିବା କାର୍ଯ୍ୟକ୍ରମ ଏବଂ ପ୍ରତ୍ୟକ୍ଷ ପ୍ରଭାବିତ ଅଞ୍ଚଳକୁ ଗୁରୁତ୍ୱ ଦେବା ଆବଶ୍ୟକ। ଏହା ନିଶ୍ଚିତ ହେବା ଉଚିତ ଯେ ଅତ୍ୟାବଶ୍ୟକ ଏବଂ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଓ ପ୍ରତ୍ୟକ୍ଷ ପ୍ରଭାବିତ ଅଞ୍ଚଳରେ ଅଧିକ ଧ୍ୟାନ ଦେଇ ବଜେଟର ଅନ୍ୟୁନ ୬୦ ପ୍ରତିଶତ ଅର୍ଥ ବିନିଯୋଗ ହେଉଛି।

ଡି.ଏମ୍.ଏଫ୍‌ର ଯୋଜନା ଓ ଅର୍ଥ ଉପଯୋଗ, ରାଜ୍ୟ ସରକାର ଓ କେନ୍ଦ୍ରର ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନାଗୁଡ଼ିକ ମଧ୍ୟରେ ସମନ୍ୱୟ ଓ ସହଯୋଗ ରଖି ମିଳିତ ଭାବେ କାର୍ଯ୍ୟକାରୀ ହେଲେ ଅଧିକ ଫଳପ୍ରସୁ ହେବ। ସାଧାରଣତଃ ଏହି ସଂଯୋଜନା ପ୍ରକ୍ରିୟା ସହଭାଗିତା ଆଧାରିତ ମୂଲ୍ୟାୟନ ଦ୍ୱାରା ନିର୍ଦ୍ଧାରିତ ଅଧିକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ହିଁ ହେବା ଉଚିତ। ଏହି ଅଭାବ ପୂରଣ ପାଇଁ ଜିଲ୍ଲା ଓ ରାଜ୍ୟ ବଜେଟ ନିଅଣ୍ଟ ହେଉଥିବା କ୍ଷେତ୍ରରେ ହିଁ ଡି.ଏମ୍.ଏଫ୍ ଅର୍ଥ ବିନିଯୋଗ ହେବ।

**ଡି.ଏମ୍.ଏଫ୍ ଗୁଡ଼ିକର ସ୍ୱଚ୍ଛତା ଏବଂ ଜନତାଙ୍କ ପ୍ରତି ଉତ୍ତର ଦାୟୀତ୍ୱର ପରାକାଷ୍ଠା ଦେଖାଇବା ଆବଶ୍ୟକ:**

ସୂଚନା ଅଧିକାର ଅଧିନିୟମ ୨୦୦୫ ଅନୁଯାୟୀ ଡି.ଏମ୍.ଏଫ୍ ଟ୍ରଷ୍ଟଗୁଡ଼ିକ ସାର୍ବଜନୀନ ପ୍ରାଧିକରଣ ରୂପେ ବିବେଚିତ ହେବେ ଏବଂ ସରକାର ତଥା ସର୍ବସାଧାରଣଙ୍କ ଦ୍ୱାରା ନୀରିକ୍ଷା ପାଇଁ ମୁକ୍ତ ରହିବେ। ଡି.ଏମ୍.ଏଫ୍ ଟ୍ରଷ୍ଟ ଗୁଡ଼ିକ ସର୍ବାଧିକ ସ୍ୱଚ୍ଛତା ଓ ଉତ୍ତରଦାୟୀତ୍ୱ ସହିତ କାର୍ଯ୍ୟ କରିବା ପାଇଁ ନିମ୍ନଲିଖିତ କେତୋଟି ବିଷୟ ନିଶ୍ଚିତ କରିବା ଆବଶ୍ୟକ।

- ସର୍ବସାଧାରଣଙ୍କ ଅଧିକାର କ୍ଷେତ୍ର (ପବ୍ଲିକ ଡୋମେନ୍)ରେ ଡି.ଏମ୍.ଏଫ୍‌ର ସମସ୍ତ ତଥ୍ୟ ପ୍ରକାଶିତ ହେବା ଉଚିତ୍ ।
- ଡି.ଏମ୍.ଏଫ୍ ୱେବ୍‌ସାଇଟ୍‌ରେ ଡି.ଏମ୍.ଏଫ୍ ସମ୍ପର୍କିତ ସମସ୍ତ ତଥ୍ୟ ପ୍ରକାଶିତ କରିବା ଦ୍ୱାରା ସହଜରେ ସ୍ୱଚ୍ଛତା ଓ ଉତ୍ତରଦାୟୀତ୍ୱ ନିଶ୍ଚିତ ହୋଇ ପାରିବ । ପିଏମ୍‌କେକେୱାଇର ୫ମ ପରିଚ୍ଛେଦରେ ମଧ୍ୟ ସ୍ୱଚ୍ଛତା ଅନୁପାଳନ ପାଇଁ ଏହା ନିର୍ଦ୍ଦିଷ୍ଟ ରୂପେ ଉଲ୍ଲେଖିତ ହୋଇଛି ।
- ରାଜ୍ୟସ୍ତରରେ ଡି.ଏମ୍.ଏଫ୍ ୱେବ୍‌ସାଇଟ୍‌ରେ ସମସ୍ତ ଜିଲ୍ଲାର ଡି.ଏମ୍.ଏଫ୍ ସମ୍ପର୍କିତ ତଥ୍ୟ ସ୍ଥାନ ପାଇବା ଆବଶ୍ୟକ । ସେଥିମଧ୍ୟରେ
- ପ୍ରଶାସନିକ ଅଙ୍ଗଗୁଡ଼ିକର ଗଠନ : ଯଥା- ଶାସନ ପରିଷଦ, ପରିଚାଳନା କମିଟି ଏବଂ ଡି.ଏମ୍.ଏଫ୍ ନିୟମ ଅନୁଯାୟୀ ଗଠିତ ଅନ୍ୟ ପରିଷଦ ବା ସମିତି ।
- ଡି.ଏମ୍.ଏଫ୍ ଅର୍ଥ ଜମା
- ହିତାଧିକାରୀଙ୍କ ତାଲିକା
- ଖଣି ଦ୍ୱାରା ପ୍ରତ୍ୟକ୍ଷ ଭାବେ ପ୍ରଭାବିତ ଓ ପରୋକ୍ଷ ଭାବେ ପ୍ରଭାବିତ ଅ*ଳର ତାଲିକା ଏବଂ ମ୍ୟାପ୍
- ଇିଭିନ୍ନ ସଭାର ବିବରଣୀ
- ଗ୍ରାମସଭା ଅଲୋଚନାର ବିବରଣୀ
- ଡିଏମ୍‌ଏଫ୍‌ର ଯୋଜନା
- ଅର୍ଥ ମଞ୍ଜୁରୀ ଓ ଖର୍ଚ୍ଚର ହିସାବ
- ସମସ୍ତ ପ୍ରକଳ୍ପ ଏବଂ କାର୍ଯ୍ୟକାରୀ ହେଉଥିବା ପ୍ରତ୍ୟେକ ପ୍ରକଳ୍ପର ସ୍ଥିତି
- ବାର୍ଷିକ ରିପୋର୍ଟ, ଜମା-ଖର୍ଚ୍ଚର ହିସାବ ଏବଂ ଅଡିଟ୍ ସମେତ
- ସମସ୍ତ ଆଦେଶ, ନିର୍ଦ୍ଦେଶନାମା, ନୀତି ଓ ନିୟମ ସମୂହ ଓ ବିଜ୍ଞପ୍ତି ତଥା ଅଧିସୂଚନା

ଏହି ୱେବ୍‌ସାଇଟ୍ ବ୍ୟତୀତ ଅତି ନିଭୃତାଞ୍ଚଳ ଲୋକଙ୍କ ନିମନ୍ତେ ଆବଶ୍ୟକ ତଥ୍ୟ, ଜିଲ୍ଲା ଓ ଗ୍ରାମ ପଞ୍ଚାୟତ ସ୍ତରରେ ମଧ୍ୟ ଉପଲବ୍ଧ ହେବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହେବା ଆବଶ୍ୟକ। ସର୍ବସାଧାରଣ ସଭାମାନଙ୍କରେ ଏବଂ ବିଜ୍ଞପ୍ତି ମାଧ୍ୟମରେ ମଧ୍ୟ ସୂଚନା ପ୍ରଦାନ କରାଯାଇ ପାରିବ।

**ଡି.ଏମ୍.ଏଫ୍‌ର ସମ୍ପୂର୍ଣ୍ଣ ଏବଂ ବିଶଦ ହିସାବ ସମୀକ୍ଷା ତଥା କାର୍ଯ୍ୟପ୍ରକ୍ରିୟା ଏବଂ ସାମାଜିକ ସମୀକ୍ଷା ହେବା ଦରକାର:**

ଡି.ଏମ୍.ଏଫ୍ ଏକ ସାର୍ବଜନୀନ ଟ୍ରଷ୍ଟ ହୋଇଥିବାରୁ ଏବଂ ଖଣି ପ୍ରଭାବିତ ଲୋକଙ୍କ ମଙ୍ଗଳ ପାଇଁ ପ୍ରସ୍ତୁତ ପିଏମ୍‌କେକେୱାଇର କାର୍ଯ୍ୟଧାରା ଅନୁସାରେ କାର୍ଯ୍ୟ କରୁଥିବାରୁ ଏଥିରେ ଉଭୟ ଆର୍ଥିକ ସମୀକ୍ଷା (ଫାଇନାନ୍‌ସିଆଲ ଅଡିଟ୍) ଏବଂ କାର୍ଯ୍ୟପ୍ରକ୍ରିୟା ସମୀକ୍ଷା (ପର୍‌ଫର୍‌ମାନ୍‌ସ ଅଡିଟ୍) ହେବା ଉଚିତ୍।

- ସର୍ବୋଚ୍ଚ ନୀରିକ୍ଷା ଅନୁଷ୍ଠାନମାନଙ୍କ ନିର୍ଦ୍ଧାରିତ ଆନ୍ତର୍ଜାତିକ ମାନଦଣ୍ଡ ଏବଂ ଭାରତର କଣ୍ଟ୍ରୋଲର ଓ ଅଡିଟର ଜେନେରାଲଙ୍କ ବ୍ୟାଖ୍ୟା ଅନୁସାରେ ହିସାବ ନୀରିକ୍ଷା ଏହା ନିଶ୍ଚିତ କରେ ଯେ କୌଣସି ସଂସ୍ଥାର ହିସାବ ଫର୍ଦ୍ଦ ସେ ଅନୁଷ୍ଠାନର ବାସ୍ତବ ଆର୍ଥିକ ଅବସ୍ଥାର ଗୋଟିଏ ସଠିକ ଚିତ୍ର ପ୍ରଦାନ କରିଥାଏ। ଅନ୍ୟପକ୍ଷରେ, କାର୍ଯ୍ୟ ପ୍ରକ୍ରିୟା-ନୀରିକ୍ଷା ବା ପର୍‌ଫର୍‌ମାନ୍‌ସ୍ ଅଡିଟ୍ ଗୋଟିଏ ସଂସ୍ଥାର କାର୍ଯ୍ୟକ୍ରମ, ଯୋଜନାଗୁଡ଼ିକ କେତେ ଦକ୍ଷତାର ସହିତ ଓ ଫଳପ୍ରଦ ଭାବରେ ରୂପାୟନ କରାଯାଇଛି ତାହା ତନଖି କରିଥାଏ।
- ଡି.ଏମ୍.ଏଫ୍‌ଗୁଡ଼ିକ ନିମନ୍ତେ ଆଉରିବି ଅତ୍ୟଧିକ ଗୁରୁତ୍ୱପୂର୍ଣ୍ଣ ହେଲା ଖଣି ପ୍ରଭାବିତ ଅଞ୍ଚଳରେ ବିଭିନ୍ନ ଅଂଶୀଦାରଙ୍କ ସଂପୃକ୍ତିରେ କରାଯାଇଥିବା ଗୋଟିଏ ସ୍ୱାଧୀନ ସୋସିଆଲ ଅଡିଟ ବା ସାମାଜିକ ନୀରିକ୍ଷା। ସାମାଜିକ ନୀରିକ୍ଷା ଉନ୍ନୟନ କାର୍ଯ୍ୟର ବାସ୍ତବ ହିତାଧିକାରୀଙ୍କୁ ଉନ୍ନୟନ କାର୍ଯ୍ୟଗୁଡ଼ିକର ତର୍ଜମା କରିବା ପାଇଁ ସୁଯୋଗ ଦେଇଥାଏ।
- ଡି.ଏମ୍.ଏଫ୍‌ର ସୋସିଆଲ ଅଡିଟ୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିଭିନ୍ନ ଅଂଶୀଦାର ଓ ପ୍ରକୃତ ହିତାଧିକାରୀଙ୍କ ସଂପୃକ୍ତିରେ ଡି.ଏମ୍.ଏଫ୍ ପାଣ୍ଠିରୁ ହେଉଥିବା ସମସ୍ତ କାର୍ଯ୍ୟକ୍ରମ ଓ ପ୍ରକଳ୍ପଗୁଡ଼ିକର ସମସାମୟିକ ସମୀକ୍ଷା କରିବା। ଏହି ସମୀକ୍ଷାରେ କେତେ ହିତାଧିକାରୀ ଉପକୃତ ହୋଇଛନ୍ତି, ଯୋଜନା ଓ କାର୍ଯ୍ୟଗୁଡ଼ିକ ଠିକ୍ ସମୟରେ କାର୍ଯ୍ୟକାରୀତା ହେଉଛି କି ନାହିଁ, କାର୍ଯ୍ୟ ସମ୍ପୂର୍ଣ୍ଣ ହେଉଛି କି ନାହିଁ ଏବଂ ଏହିପରି ଅନ୍ୟାନ୍ୟ ବିଷୟ ପ୍ରତି ଧ୍ୟାନ ଦିଆଯାଇଥାଏ। ଡି.ଏମ୍.ଏଫ୍ ନିମନ୍ତେ ଏଭଳି ଏକ ପ୍ରକ୍ରିୟା ଆରମ୍ଭ କରିବା ଦ୍ୱାରା ଡି.ଏମ୍.ଏଫ୍ ଅର୍ଥ ଦ୍ୱାରା ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷାରେ ଗ୍ରାମସଭାର ଭାଗିଦାରୀ ନିଶ୍ଚିତ କରାଯାଇପାରିବ, ଯାହାକି ଡି.ଏମ୍.ଏଫ୍ ଆଇନ୍ ଏବଂ ପିଏମ୍‌କେକେକେୱାଇ ନିୟମାବଳୀରେ କଳ୍ପନା କରାଯାଇଛି। ଏହା ଦ୍ୱାରା ଲୋକମାନଙ୍କୁ ମଧ୍ୟ ସେମାନଙ୍କର ଅଧିକାର ଓ ନାଯ୍ୟ ଦାବୀ ସମ୍ବନ୍ଧରେ ଶିକ୍ଷିତ ଓ ସଚେତନ କରାଯାଇ ପାରିବ।
- ରାଜ୍ୟ ସରକାର ଡି.ଏମ୍.ଏଫ୍ ଟ୍ରଷ୍ଟଗୁଡ଼ିକର ଉଭୟ ଆର୍ଥିକ ଓ କାର୍ଯ୍ୟ ପ୍ରକ୍ରିୟା ସମୀକ୍ଷା ଏବଂ ସ୍ୱାଧୀନ ସାମାଜିକ ସମୀକ୍ଷା (ସୋସିଆଲ ଅଡିଟ୍) ନିମନ୍ତେ ନୀତି ନିୟମ ପ୍ରଣୟନ କରିବା ଉଚିତ୍। ଏଥିନିମନ୍ତେ ସି.ଏ.ଜି. ପ୍ରଦତ୍ତ ଦିଗ୍‌ଦର୍ଶନ ଏବଂ ଅନ୍ୟାନ୍ୟ ସରକାରୀ କାର୍ଯ୍ୟକ୍ରମରୁ ମିଳିଥିବା ଅଭିଜ୍ଞତା ଆଧାରରେ, ଏହି ତିନି ପ୍ରକାରର ସମୀକ୍ଷା ଡି.ଏମ୍.ଏଫ୍‌ରେ କିପରି କରାଯିବ ତତ୍‌ସମ୍ବନ୍ଧୀୟ ନିର୍ଦ୍ଦେଶାବଳୀ ପ୍ରଣୀତ ହେବା ଉଚିତ୍।

ଏହି ରିପୋର୍ଟ ସିଏସଇ ର

***People First***

***District Mineral Foundation (DMF) Status Report 2018***

ଉପରେ ଆଧାରିତ ।

Centre for Science and Environment
41, Tughlakabad Institutional Area, New Delhi 110 062
Phones: 91-11-29955124, 29955125, 29953394
Fax: 91-11-29955879 E-mail: cse@cseindia.org
Website: www.cseindia.org